## ଜାତୀୟ ମତଦାତା ଦିବସ

# ‘ମତଦାନ କରି ନାଗରିକର କର୍ତ୍ତବ୍ୟ କରନ୍ତୁ’

ପାରଳାଖେମୁଣ୍ଡି,୨୫।୧(ସ୍ୱ.ପ୍ର.)

ଗଜପତି ଜିଲା ପ୍ରଶାସନ ପକ୍ଷରୁ ୧୦ମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଥିଲା। ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ମତଦାନ କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ମତଦାତାଙ୍କୁ ସଚେତନ କରାଯାଇଥିଲା। ସେହିପରି ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମତଦାନ ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୁଝାଇବା ସହ ମତଦାନ ସମୟରେ ପ୍ରଲୋଭନରେ ନ ପଡ଼ି ସ୍ୱାଧୀନଭାବେ ମତ ସାବ୍ୟସ୍ତ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ସଚେତନ ହେବା ସହ ମତଦାନ କରି ନାଗରିକତାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ଜିଲା କ୍ରିଡ଼ାଧିକାରୀ ପ୍ରଭାକର ତ୍ରିପାଠୀ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃଷକେତୁ ଦାସ, ଜିଲା ଭାରପ୍ରାପ୍ତ କ୍ରୀଡ଼ା ନିରୀକ୍ଷକ ଏସ୍. ଲକ୍ଷ୍ମଣ ରାଓଙ୍କସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅତିଥି ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ପାରଳାଖେମୁଣ୍ଡି-ହାଇଦ୍ରାବାଦ ଟ୍ରେନ ଚଳାଚଳ ପାଇଁ ଦାବି

ପାରଳାଖେମୁଣ୍ଡି, ୨୫।୧ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଦେଇ ତେଲାଙ୍ଗାନା ରାଜଧାନୀ ହାଇଦ୍ରାବାଦକୁ ଏକ ଟ୍ରେନ ଚଳାଚଳ ପାଇଁ ଦାବି ହୋଇଛି। ଗଜପତି ଜିଲା ସମେତ ରାୟଗଡା ଜିଲା ସହ ସଂଲଗ୍ନ ରହିଥିବା ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲାର ଅଧିକାଂଶ ଅଧିବାସୀ ହାଇଦ୍ରାବାଦ, ବିଜୟଓ୍ୱାଡା, ଗୁଣୁପୁର ଓ ଚେନ୍ନାଇ ପ୍ରମୁଖ ସହରାଞ୍ଚଳରେ କାର୍ଯ୍ୟ କରିଥାନ୍ତି। କିନ୍ତୁ ଏଠାରୁ ହାଇଦ୍ରାବାଦ ଯିବା ଆସିବା ପାଇଁ ସିଧାସଳଖ କୌଣସି ଟ୍ରେନର ସୁବିଧା ନାହିଁ। ଯାତ୍ରୀମାନେ ଆନ୍ଧ୍ରପ୍ରଦେଶର ପଲାସା ଷ୍ଟେସନ ଉପରେ ନିର୍ଭର କରିବାକୁ ପଡିଥାଏ। ସେଠାରୁ ଯାଉଥିବା ଟ୍ରେନଗୁଡିକ ଅତ୍ୟଧିକ ଭିଡହେତୁ ଯାତ୍ରୀମାନେ ଛୋଟ ପିଲାମାନଙ୍କୁ ଧରି ଶହଶହ କି.ମି ପର୍ଯ୍ୟନ୍ତ ଠିଆହୋଇ ବହୁ ଦୟନୀୟ ଅବସ୍ଥାରେ ଯାତ୍ରା କରିଥାନ୍ତି। ଏଥିସହ ଅତ୍ୟଧିକ ସମୟ ଅପଚୟ ହେବା ସହ ବହୁ ଖର୍ଚ୍ଚାନ୍ତ ମଧ ହୋଇଥାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ରେଳବିଭାଗ କୌଣସି ପଦକ୍ଷେପ ନେଇନଥିବା ଜଣାପଡିଛି। ବର୍ତ୍ତମାନ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ରେଳରାସ୍ତାର ବିଦ୍ୟୁତ ସଂଯୋଗୀକରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭାଗୀୟ ନିର୍ଦ୍ଦେଶାନୁଯାୟୀ ବିଦ୍ୟୁତଚାଳିତ ଇଞ୍ଜିନ ଚାଲିବା ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ହାଇଦ୍ରାବାଦରୁ ପାରଳାଖେମୁଣ୍ଡି ଓ ଗୁଣୁପୁର ପର୍ଯ୍ୟନ୍ତ ଏକ ଦ୍ରୁତଗାମୀ ଟ୍ରେନ ଚଳାଚଳ କଲେ ଯାତ୍ରୀମାନେ ସୁବିଧା ପାଇବା ସହ ରେଳବିଭାଗ ମଧ୍ୟ ବହୁ ପରିମାଣରେ ରାଜସ୍ୱ ପାଇପାରିବ। ଏହା କାର୍ଯ୍ୟକ୍ଷମ ହେଲେ ଓଡିଶାର ଗଞ୍ଜାମ, ଗଜପତି, ରାୟଗଡ ଜିଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ, ବିଜୟନଗରମ ଜିଲାର ବହୁ ଜନସାଧାରଣ ଉପକୃତ ହେବେ। ଉଭୟ କେନ୍ଦ୍ର ସରକାର ଏହାକୁ ଦୃଷ୍ଟିରେ ରଖି ଚଳିତ ରେଳ ବଜେଟରେ ଏହାକୁ ମଞ୍ଜୁର କରିବା ପାଇଁ ସ୍ଥାନୀୟ ବରିଷ୍ଠନାଗରିକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଜନସାଧାରଣଙ୍କ ତରଫରୁ ଦାବି ହୋଇଛି।






# ମତଦାତା ଦିବସରେ ମତଦାନ ପାଇଁ ଶପଥ


ମତଦାନ ପାଇଁ ଶପଥପାଠ କରାଯାଉଛି।

କାଶୀନଗର, ୨୫।୧

ଗଜପତି ଜିଲା କାଶୀନଗର ପଞ୍ଚାୟତ ସମିତି ପକ୍ଷରୁ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଭାରପ୍ରାପ୍ତ ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିପିଇଓ ପଦ୍ମନାଭ ବେହେରା ଓ କର୍ମଚାରୀ ପ୍ରଦୀପ କୁମାର ପଟ୍ଟନାୟକ ଶୋଭାଯାତ୍ରା ପରିଚାଳନା ସହ ବିଭିନ୍ନ ସ୍ଲୋଗାନ୍ ଦେଇ ସଚେତନ କରିଥିଲେ। ପ୍ରତ୍ୟେକ ନିର୍ବାଚନରେ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଏହି ଅବସରରେ ଶପଥ ପାଠ କରାଯାଇଥିଲା। ଜୟ କୁମାର ମିଶ୍ର ଶପଥ ପାଠ କରାଇଥିଲେ। ଶୋଭାଯାତ୍ରାରେ କାଶୀନଗର ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ ମିଶ୍ର, ହୃଷୀକେଶ ଗୌଡ଼, ରବୀନ୍ଦ୍ର କୁମାର ପଣ୍ଡା ଓ ବିଏଲ୍ଓ ପ୍ରସନ୍ନ କୁମାର ପାଢ଼ୀ, କେ. ଶଶିଭୂଷଣ ରାଓ, ଏ. ଭି. ସାଇକ୍ରିଷ୍ଣା, ସାମାଜିକ କର୍ମୀ ରାଜେଶ ପଟ୍ଟନାୟକ ସାମିଲ୍ ଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଶ୍ରୀରାମ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ଓ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ରାଜ୍ୟରାଣୀ ଏକ୍ସପ୍ରେସ୍ କାଶୀନଗରରେ ରହଣି ସମ୍ଭାବନା

କାଶୀନଗର, ୨୫।୧

ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ କାଶୀନଗରଠାରେ ରହଣି ପାଇଁ ଅଞ୍ଚଳବାସୀ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁଙ୍କ ନିକଟରେ ଦାବି ଜଣାଇଥିଲେ। ଏମ୍ପି ସାହୁ ଜନସାଧାରଣଙ୍କ ଦାବି କେନ୍ଦ୍ର ସରକାରଙ୍କଠାରେ ଉପସ୍ଥାପନ କରିଥିଲେ। ଫଳରେ ଏ ନେଇ ଅନୁକୂଳ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ରାଜ୍ୟରାଣୀ ଏକ୍ସପ୍ରେସ୍ କାଶୀନଗରଠାରେ ରହଣି ପାଇଁ ଡିଭିଜନ୍ ପକ୍ଷରୁ ଇଣ୍ଡିଆନ ରେଲଓ୍ୱେ ଟାଇମ ଟେବଲ୍ କନଫରେନ୍ସ (ଆଇଆର୍ଟିଟିସି-୨୦୨୦-୨୧)କୁ ସୁପାରିଶ କରାଯାଇଥିବା ନେଇ ୱାଲ୍ଟିୟର୍ ଡିଭିଜନ୍ ଇଷ୍ଟକୋଷ୍ଟ ରେଲଓ୍ୱେ ମ୍ୟାନେଜର୍ ଏମ୍ପି ସାହୁଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏଥିପାଇଁ ଭାରତ ସରକାରଙ୍କ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ବିଭାଗ କମିଟି ମଧ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ୨୦୧୯ ନଭେମ୍ବର ୨୭ରେ ଏମ୍ ଉପସ୍ଥାପନ କରିଥିବା ଦାବିକୁ ନେଇ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଏହା ଜଣାପଡ଼ିବା ପରେ କାଶୀନଗରବାସୀଙ୍କ ମଧରେ ଟ୍ରେନ୍ ରହଣି ନେଇ ଆଶା ପ୍ରକାଶ ପାଇଛି।


ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।




# ୪ ଦିନିଆ ଆତ୍ମସୁରକ୍ଷା ତାଲିମ ଉଦ୍ୟାପିତ

ପାରଳାଖେମୁଣ୍ଡି,୨୫।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ୪ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ୟାପିତ ହୋଇଛି। ଉଦ୍ୟାପନୀ ଉତ୍ସବରେ ଅତିଥିଭାବେ ପାରଳାଖେମୁଣ୍ଡି ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଯୋଗଦେଇ ଆତ୍ମରକ୍ଷା ତାଲିମର ଆବଶ୍ୟକତା ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସହକାରୀ ଉପଜିଲାପାଳ ଜୁବୁଲି ବେହେରା, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାଶ ଯୋଗଦେଇ ଆତ୍ମ ସୁରକ୍ଷା କୌଶଳର ତାଲିମ ଓ କୌଶଳ ଶିକ୍ଷା ବାଳିକାମାନଙ୍କୁ କିପରି ସୁରକ୍ଷା ଯୋଗାଇଥାଏ ସେ ବିଷୟରେ କହିଥିଲେ। ଏଥିରେ ଜିଲାର ୭ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୪୦ ଶିକ୍ଷୟିତ୍ରୀ ଯୋଗଦେଇ ବିଭିନ୍ନ କୌଶଳ ଶିଖିଥିଲେ। ଡିଇଓ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଶିକ୍ଷା ସଂଯୋଜକ ସନ୍ତୋଷ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏବିଇଓ ଟି. କିଶୋର ଏଥିରେ ସହଯୋଗ କରିଥିଲେ।


ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**5 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ ₹**500.00 କୋଟି** ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି ।
ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ **ଜାନୁୟାରୀ 28, 2020 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ।
ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍- **(www.rbi.org.in)** ରେ **ଜାନୁୟାରୀ 24, 2020 (ଶୁକ୍ରବାର)** ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

“ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ”


# ଭେଙ୍କଟେଶ୍ୱର ହାଇସ୍କୁଲ ବାର୍ଷିକ ଉତ୍ସବ

ଗୋଷାଣୀ,୨୫।୧(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ୍ ଗାରାବନ୍ଧ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଗଜପତି ଡିଇଓ ପ୍ରଦୀପ କୁମାର ନାଗ, ମୁଖ୍ୟବକ୍ତା ରୂପେ ଗୋଷାଣୀ ବିଇଓ ଠାକୁର ପ୍ରସାଦ ସିଂ, ସମ୍ମାନିତ ଅତିଥିଭାବେ ଗାରାବନ୍ଧ ଆଇଆଇସି ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବି. ତିରୁମାଲା ରାଓ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆୟୋଜିତ ଉତ୍ସବରେ ବିଦ୍ୟାଳୟର କ୍ରୀଡ଼ା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ ଖେଳାଳି ରୂପେ ପାବନୀ ଶବର, ଗାବ୍ରିଆଲ୍ ରଇତ ଓ ଯଶୋବନ୍ତ ଶବରଙ୍କୁ ସମ୍ମାନିତ କରାଯାଇଥିଲା। ଅଭିନ୍ନ ବାସୁଦେବ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସୁଜାତା ପ୍ରାମାଣିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ମହିଳାଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୫।୧

ଏକ ଘରୋଇ କଳିରୁ ବିଷ ପିଇ ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ହେମାମାଳିନୀ ପ୍ରଧାନ (୨୩)। ତାଙ୍କ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସାରିଙ୍ଗିଇର୍ପି। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମହିଳାଙ୍କ ମୃତଦେହ ଜବତ କରି ନଂ.୪୪/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ଗତ ୨୨ ତାରିଖ ଅପରାହ୍ନରେ ଡିବୁ ପ୍ରଧାନ ଓ ତାଙ୍କ ସ୍ତ୍ରୀ ହେମାମାଳିନୀଙ୍କ ମଧ୍ୟରେ କୌଣସି ଏକ କାରଣକୁ କେନ୍ଦ୍ରକରି ଝଗଡା ହୋଇଥିଲା। ପରେ ଡିବୁଙ୍କ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ।


**ପୂର୍ବ ତଟ ରେଳପଥ**

**ନଦୀର ବଛା/ସଫା ଏବଂ ଶୁଖିଲା ବାଲିର ଯୋଗାଣ**

ଟେଣ୍ଡର ବିଜ୍ଞପ୍ତି ନଂ.WAT-RSO-TENDER-18-2019

**କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ନିମନ୍ତେ ଆବଶ୍ୟକତା ଅନୁସାରେ ଅହୋରାତ୍ର 10 କି.ଗ୍ରା. ଜଳ ନିରୋଧୀ (Water Proof) ବ୍ୟାଗ୍ ଗୁଡ଼ିକରେ RDSO ବିନିର୍ଦ୍ଦେଶନ ସଂଖ୍ୟା "AAR M-916-51" ଅନୁଯାୟୀ ଛଣା (Screened) ଏବଂ ଶୁଖିଲା ନଦୀ ବାଲିର ଯୋଗାଣ ତଥା ତାହାକୁ ରାୟଗଡ଼ା ଷ୍ଟେସନ ଠାରେ ଥିବା ବିଦ୍ୟୁତ୍ ଏବଂ ଡିଜେଲ ଇଂଜିନ (ଲୋକୋମୋଟିଭ) ସ୍ୟାଣ୍ଡର (Sanders) ଗୁଡ଼ିକରେ ଭରିବା କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 31,57,345/-, EMD (ଟଙ୍କାରେ) : 63,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : ଦୁଇ ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.02.2020 ରିଖ 1500 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(OP), ବିଶାଖାପାଟଣା

PR-675/K/19-20



**FORM-13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**

**C-71, SECTOR-7, CDA, CUTTACK, ODISHA**

**ORIGINAL APPLICATION No. 373 OF 2019**

**State Bank of India, SARB, Cuttack** ...Applicant

Versus

**Pratap Kumar Behera** ...Defendant(s)

To

**D-1- Sri Pratap Kumar Behera**, At: Balikuda, P.O: Gopalpur, Dist: Cuttack-753011.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.-373/2019** in the court of the Debts of Recovery Tribunal, Cuttack for recovery of **Rs.22,09,273/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the date of publication or on **29/02/2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **22nd day of January 2020**.

Sd/- (Sri M. K. Pattanaik)
**REGISTRAR, Debts Recovery Tribunal, Cuttack**


## ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ

# ଚାଷୀଙ୍କୁ ମିଳୁନି ଟୋକନ

ପାରଳାଖେମୁଣ୍ଡି,୨୫।୧(ସ୍ୱ.ପ୍ର.)

ଗଜପତି ଜିଲାରେ ଧାନ ମଣ୍ଡିରେ ଅନିୟମିତତା କରାଯାଉଛି। ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ସେହିପରି ଗାଡି ଯାଞ୍ଚ ନାମରେ ଲୋକମାନଙ୍କୁ ହଇରାଣ କରାଯାଉଛି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଏର୍ଦଲା ସାହି ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରାଯାଇଛି। ଧାନମଣ୍ଡିରେ ଠିକ ଭାବେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉନାହିଁ ବୋଲି ପାରଳାଖେମୁଣ୍ଡି ବିଧାୟକ ତଥା ଭାଜପା ଜିଲା ସଭାପତି କେ.ନାରାୟଣ ରାଓ ଅଭିଯୋଗ ଆଣିଛନ୍ତି। ଯେଉଁ ଚାଷୀମାନଙ୍କ ଜମି ନାହିଁ ସେମାନଙ୍କ ନାମରେ ଧାନ କିଣିବା ଟୋକନ ପ୍ରଦାନ କରାଯାଉଥିବାବେଳେ ପ୍ରକୃତ ଚାଷୀମାନଙ୍କୁ ତାହା ମିଳିପାରୁନାହିଁ। ଫଳରେ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ଗୁଡିକୁ ବାହାରେ ପକାଇ ରଖିଛନ୍ତି। ଯଦି ହଠାତ ବୃଷ୍ଟିପାତ ହୁଏ ତାହାହେଲେ ସେଗୁଡିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି ବୋଲି ଜିଲା ଭାଜପା ଅଭିଯୋଗ କରିଛି। ସେହିପରି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନୂତନ ପରିବହନ ନିୟମ ଅନୁଯାୟୀ ଯାନବାହାନ ଯାଞ୍ଚ କରାଯାଉଥିଲେ ମଧ ଯେଉଁ ନିର୍ଦ୍ଦିଷ୍ଟ ନିୟମରେ ଜରିମାନା ଆଦାୟ ହେବାକଥା ତାଠାରୁ ଯଥେଷ୍ଟ ଅଧିକ ଆଦାୟ କରାଯାଉଛି। ଗାଡି ଚାଳକମାନଙ୍କୁ ଅଯଥା ହଇରାଣ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ଏ ସମ୍ପର୍କରେ ଜିଲା ଭାଜପା ପକ୍ଷରୁ ଏକ ସ୍ମାରକପତ୍ର ଜିଲା ପ୍ରଶାସନକୁ ଦିଆଯିବ। ଯଦି ଆସନ୍ତା ୭ଦିନ ମଧ୍ୟରେ ଏହାର ସମାଧାନ କରାନଯାଏ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଆନ୍ଦୋଳନ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସିମାଦ୍ରୀ, ପୂର୍ବତନ ପୌରାଧ୍ୟକ୍ଷ ତ୍ରିପତି ନାୟକ, ପିନିଷ୍ଟି କ୍ରିଷ୍ଣା, ପୂର୍ବତନ ଜିଲା ଭାଜପା ସଭାପତି ଜି.ଭେଙ୍କଟରାବଣା ପ୍ରମୁଖ ଉପସ୍ଥିତଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ କେ. ନାରାୟଣ ରାଓ ଓ ଅନ୍ୟମାନେ।




# ବଣ୍ଡା ଜନଜାତିଙ୍କ ନିଆରା ପର୍ବ 'ଝାଟି ମରା'

**ଖଇରପୁଟ,୨୫ା୧(ଡି.ଏନ୍.ଏ.)**

ବଣ୍ଡା ଘାଟିରେ ରକ୍ତର ଖେଳ। ଏଠାରେ ପୁରୁଷଙ୍କ ମଧ୍ୟରେ ଚାଲିଛି ମାର୍‌ପିଟ୍। ଚାବୁକ ମାଡ଼ରେ ଜଣେ ଅନ୍ୟ ଜଣଙ୍କୁ ରକ୍ତାକ୍ତ କରୁଛନ୍ତି। ହେଲେ ଏହା ହିଂସାର ସଂଘର୍ଷ ନୁହେଁ, ଶତ୍ରୁତା ଦୂର କରିବା ପାଇଁ। ଆଉ ଏଥିପାଇଁ ଉତ୍ସବ ମୁଖରିତ ମାଲକାନଗିରି ଜିଲାର ବଣ୍ଡା ପାହାଡ଼। ଏହା ହେଉଛି ବଣ୍ଡା ଜନଜାତିଙ୍କ ନିଆରା 'ଝାଟି ମରା' ତଥା ପୁଷ ପର୍ବ।

ଏହି ସଂଘର୍ଷ ଅଞ୍ଚଳର ଜନଜାତିଙ୍କ ଏକ ଭିନ୍ନ ପରମ୍ପରା। ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି ଆଦିମ ଜନଜାତି। ପାରମ୍ପରିକ ଫସଲ ସୁଆଁ, ବିରି ଓ ମାଣ୍ଡିଆ ଅମଳ ହେବା ପରେ ଏମାନେ ଏହା ପାଳିଥାନ୍ତି। ପୂର୍ବ ଶତ୍ରୁତାକୁ ଭୁଲିବା ପାଇଁ ଲୋକେ ଏପରି ପରସ୍ପରଙ୍କୁ ଚାବୁକରେ ମାରିଥାନ୍ତି। କେଉଁ ଆଦିମ କାଳରୁ ବଣ୍ଡା ଜନଜାତି ସମାଜରେ ଚଳି ଆସୁଛି ଏହି ପରମ୍ପରା। ଝାଟି ପରବ ଦିନ ନୂଆ ଖାଇବାର ପରମ୍ପରା ମଧ୍ୟ ରହିଛି। ବଣ୍ଡାଙ୍କ ପାଇଁ ଗାଁର ପୂଜାରୀ ହେଉଛନ୍ତି ବିଚାରକ। ପୂଜାରୀଙ୍କ ଆଦେଶରେ ଏଠାରେ ଝାଟି ପର୍ବର ତାରିଖ ଧାର୍ଯ୍ୟ ହୋଇଥାଏ। ଯୁବକମାନେ ସଲପ ଗଛ ଡାଳରେ ଚାବୁକ ସଦୃଶ ଝାଟି ତିଆରି କରିବା ପରେ ଗାଁ ଦାଣ୍ଡରେ ଚାଲେ ରକ୍ତାକ୍ତ ସଂଘର୍ଷର ଉତ୍ସବ। ପରସ୍ପରକୁ ମାଡ଼ ମାରି ରକ୍ତାକ୍ତ କରିବା ପରେ ଆଲିଙ୍ଗନ କରି ପୂର୍ବ ଶତ୍ରୁତାକୁ ଭୁଲିଥାନ୍ତି ବଣ୍ଡା ଆଦିବାସୀ। ମହିଳାମାନେ ଏହି ପର୍ବ ପାଇଁ ପୁରୁଷଙ୍କୁ ପ୍ରସ୍ତୁତ କରିଥାନ୍ତି। ଲଢ଼େଇ ଜୋର୍ ଧରିବା ସମୟରେ ମହିଳାମାନେ ଦୁଇ ପୁରୁଷଙ୍କ ମଧ୍ୟରେ ପ୍ରତିବନ୍ଧକ ସାଜି ଆଘାତ ସ୍ଥାନରେ ହଳଦୀ ଲେପ ଲଗାଇ ଭାଇଚାରାର ବାର୍ତ୍ତା ଦେଇଥାନ୍ତି। ବର୍ଷକୁ ଥରେ ନିଜକୁ ଶାରୀରିକ ଦଣ୍ଡ ଦେଇ ଏମାନେ ସମସ୍ତ ବିବାଦକୁ ଦୂର କରିଥାନ୍ତି। ଆଉ ଖେଳ ଶେଷ ପରେ ନାଚ ଗୀତରେ ମସଗୁଲ୍ ହୁଅନ୍ତି ଆଦିମ ଜନଜାତି। ଆଧୁନିକତାର ସ୍ପର୍ଶରେ ବି ବଣ୍ଡା ଘାଟିରେ ଜୀବିତ ରହିଛି ଏହି ଭିନ୍ନ ପରମ୍ପରା।



'ଝାଟି ମରା' ପର୍ବରେ ବଣ୍ଡା ଜନଜାତିର ମହିଳା ପୁରୁଷମାନେ।

## ସଂକ୍ଷେପରେ

### ୫-ଟି ବୈଠକ
### ସମସ୍ତ କାର୍ଯ୍ୟ ଶୀଘ୍ର, ସ୍ୱଚ୍ଛତାର ସହ କରିବାକୁ ପରାମର୍ଶ

**ଚିତ୍ରକୋଣ୍ଡା,୨୫ା୧(ଡି.ଏନ୍.ଏ.):** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଶନିବାର ୫-ଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଏଡିଏମ୍ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ୍‌ଙ୍କ ସହଯୋଗରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟ ଶୀଘ୍ର ଏବଂ ସ୍ୱଚ୍ଛତାର ସହ କରିବାକୁ ଏଠାରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ଜାତୀୟ ମତଦାତା ଦିବସ ବିଷୟରେ ଆଲୋଚନା କରାଯାଇଥିଲା।

### ବିଦ୍ୟୁତ୍ ଆଘାତରେ ବାଳିକା ମୃତ

**ଚିତ୍ରକୋଣ୍ଡା,୨୫ା୧:** ଚିତ୍ରକୋଣ୍ଡା ଢ଼େଂପସାହିରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବାଳିକାର ମୃତ୍ୟୁ ଘଟିଛି। ସେ ହେଲେ ସାହିର ସହଦେବ ଖିଲଙ୍କ ଝିଅ ରାଧା(୮)। ରାଧା ନିକଟସ୍ଥ ବାଲାଜୀ ମନ୍ଦିର ନିକଟକୁ ଗାଧୋଇବାକୁ ଯାଇଥିଲା। ସେଠାରୁ ହାତରେ ଓଦା କପଡ଼ା ନେଇ ଫେରିଥିଲେ। ରାସ୍ତାରେ ଏକ ଲୁହା ତାର ବାଡ଼ରେ ବିଦ୍ୟୁତ୍ ତାର ଲାଗିଥିବାବେଳେ ଓଦା କପଡ଼ା ତାହା ସଂସ୍ପର୍ଶରେ ଆସିଥିଲା। ଯଦ୍ୱାରା ଶିଶୁଟି ଗୁରୁତର ହୋଇଥିଲା। ପରିବାର ଲୋକ ତୁରନ୍ତ ତାକୁ ଚିତ୍ରକୋଣ୍ଡା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

### ଫେରିବାଲାଙ୍କ ଘରୁ ୧.୧୦ ଲକ୍ଷ ଲୁଟ୍

**ମୋହନା,୨୫ା୧(ଡି.ଏନ.ଏ.):** ମୋହନା ସଦର ମହକୁମା ତାରିଣୀ ନଗରରେ ରହୁଥିବା ଜଣେ ଫେରିବାଲାଙ୍କର ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ୧ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଫେରିବାଲା ରାଜା ରାମ ଓ ତାଙ୍କର କେତେଜଣ ସହଯୋଗୀଙ୍କ ସହ ସକାଳେ କମ୍ବଳ ବିକ୍ରି କରିବା ପାଇଁ ଯାଇଥିବା ବେଳେ ଘର ତାଲା ଭାଙ୍ଗି ଲୁଟ୍ ହୋଇଥିଲା। ଏ ନେଇ ସେ ମୋହନା ଥାନାରେ ଏତଲା ଦେଇଛନ୍ତି।

### ଉତ୍କଳ ସାମ୍ବାଦିକ ସଂଘର ୭୫ତମ ପ୍ରତିଷ୍ଠା ଦିବସ
# ମାଲକାନଗିରି ଜିଲା ସଭାପତି ସମ୍ବର୍ଦ୍ଧିତ



ସମ୍ମିଳନୀରେ ଦୁର୍ଯ୍ୟୋଧନ ପାତ୍ରଙ୍କୁ ସମ୍ମାନିତ କରାଯାଉଛି।

**ମାଲକାନଗିରି, ୨୫ା୧(ଡି.ଏନ୍.ଏ.)**

ଉତ୍କଳ ସାମ୍ବାଦିକ ସଂଘର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନିରେ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜାତୀୟ କଂଗ୍ରେସ ଦଳର ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ମାଲକାନଗିରି ଜିଲା 'ଧରିତ୍ରୀ' ପ୍ରତିନିଧି ପାତ୍ରଙ୍କ ଖବର ପ୍ରସାରଣକୁ ନେଇ ପ୍ରଶଂସା କରିଥିଲେ। ଏଥିସହ ପାତ୍ର ମାଲକାନଗିରି ଜିଲାର ବିଭିନ୍ନ ସମସ୍ୟା, ପାଠକ, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଜିଲାରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଖବର ପ୍ରକାଶ କରି ସମସ୍ୟାର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। 'ଧରିତ୍ରୀ'ରେ ପ୍ରକାଶିତ ଅନେକ ସମସ୍ୟା ଜିଲା ପ୍ରଶାସନ ଦ୍ୱାରା ସମାଧାନ କରାଯାଇଥିବାରୁ ପାତ୍ର ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।






# 'ସମୃଦ୍ଧ ଗଣତନ୍ତ୍ର ପାଇଁ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଜାତୀୟ ମତଦାତା ଦିବସ**

**ମାଲକାନଗିରି,୨୫ା୧(ଡି.ଏନ.ଏ.)**

ମାଲକାନଗିରିସ୍ଥିତ ସଂସ୍କୃତି ଭବନରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ୧୦ମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ମାନସ ମାଡ଼କାମୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ସଂସ୍କୃତି ଭବନଠାରେ ପହଞ୍ଚିଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୀଷ ଅଗ୍ରୱାଲ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରିଷିକେଶ୍ ଡି ଖିଲାରୀ, ଉପଜିଲାପାଳ ରାମେଶ୍ୱର ନାୟକ, ସହକାରୀ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରାମକୃଷ୍ଣ ନାୟକ ଓ ଡିଆଇପିଆର୍‌ଓ ଡ. ଗୁଣନିଧି ନାୟକ ଯୋଗଦେଇ ସମୃଦ୍ଧ ଗଣତନ୍ତ୍ର ପାଇଁ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତେ ସଚେତନ ହୋଇ ମତାଧିକାର ସାବ୍ୟସ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ସଭାରେ ଚଳିତ ବର୍ଷର ଥିମ୍ 'ସୁଦୃଢ଼ ଗଣତନ୍ତ୍ର ପାଇଁ ନିର୍ବାଚନୀ ସାକ୍ଷରତା'କୁ ନେଇ ବକ୍ତାମାନେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା । ଏଥିରେ ଜିଲାର ୫ ନୂତନ ଭୋଟରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି ୯ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଏନ୍‌ଏସ୍‌ଏସ୍‌ର ଜିଲା ସଂଯୋଜକ ତଥା ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ସହଯୋଗ କରିଥିଲେ। ସଭାରେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଖବରଦାତା ଉପସ୍ଥିତ ଥିଲେ।




ଭୋଟର ଦିବସରେ ବାହାରିଥିବା ଜିଲାସ୍ତରୀୟ ସଚେତନତା ଶୋଭାଯାତ୍ରା।



ମତଦାତା ଦିବସରେ ଶପଥ ନିଆଯାଉଛି।

## ଜାତୀୟ ମତଦାତା ଦିବସ

**ଚିତ୍ରକୋଣ୍ଡା,୨୫ା୧(ଡି.ଏନ୍.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ୧୮ ପଞ୍ଚାୟତର ବିଭିନ୍ନ ବୁଥ୍‌ରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ୨୧୩ ନଂ ବୁଥ୍‌ରେ ଭୋଟରଙ୍କ ଅଧିକାର ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ମତଦାତା ମତଦାନ କରିବାପାଇଁ ପରାମର୍ଶ ଦିଆଯିବା ସହ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ତ୍ରିନାଥ ଗୌଡ଼, ହସତରାମ ପାଣ୍ଡେ ଓ ନିରୋଦ ଜେନା ପରିଚାଳନା କରିଥିଲେ। ସେହିପରି ଚିତ୍ରକୋଣ୍ଡା ବ୍ଲକ୍‌ର ସମସ୍ତ ପଞ୍ଚାୟତର ବିଭିନ୍ନ ବୁଥ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମତଦାତା ଦିବସ ପାଳନ ପାଇଁ ଶୁକ୍ରବାର ଚିତ୍ରକୋଣ୍ଡା ବ୍ଲକ୍ ସଭାଗୃହରେ ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲ୍‌ଙ୍କ ନେତୃତ୍ୱରେ ଏବଂ ଚିତ୍ରକୋଣ୍ଡା ଜିପିଓ ଧିରେନ ଖଣ୍ଡାଗିରିଙ୍କ ପରିଚାଳନାରେ ଶିକ୍ଷକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।






# ଶାନ୍ତିନିକେତନରେ ରତ୍ନାକର ଦାଶଙ୍କୁ ସମ୍ବର୍ଦ୍ଧନା



ଶାନ୍ତିନିକେତନରେ ରତ୍ନାକର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ମାଲକାନଗିରି,୨୫ା୧(ସ୍ୱ.ପ୍ର)**

ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ମାଲକାନଗିରି ଜିଲାର ସାହିତ୍ୟିକ ତଥା ଗବେଷକ ରତ୍ନାକର ଦାଶ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ବିଶ୍ୱଭାରତୀ ଶାନ୍ତିନିକେତନ ଓ ଓଡ଼ିଶା ସାହିତ୍ୟ ଏକାଦେମି ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଦେମି ଓ ବିଶ୍ୱଭାରତୀ ଶାନ୍ତିନିକେତନ ମିଳିତ ଆନୁକୂଲ୍ୟରେ ଜାନୁୟାରୀ ୧୮ ଓ ୧୯ ଦୁଇଦିନ ଧରି ପଶ୍ଚିମବଙ୍ଗସ୍ଥିତ ରାଜ୍ୟ ବିଶ୍ୱଭାରତୀ ଶାନ୍ତିନିକେତନଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳିତ ହୋଇଥିଲା। ଏହି ଅବସରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାହିତ୍ୟ ସେବା ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ଅଡିଓ ଭିଜୁଆଲ୍ ହଲ୍, ଭାଷାଭବନ ବିଶ୍ୱଭାରତୀ ଶାନ୍ତିନିକେତନଠାରେ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଓଡ଼ିଶା ସାହିତ୍ୟ ଏକାଦେମିର ସଚିବ ଜୟନ୍ତୀ ରଥ, ବିଶ୍ୱଭାରତୀ ଶାନ୍ତିନେକେତନ ଭାଷାଭବନର ମୁଖ୍ୟ ପ୍ରଫେସର ନରୋତ୍ତମ ସେନାପତି, ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର କୈଳାସ ପଟ୍ଟନାୟକ ଉପସ୍ଥିତ ରହି ଦାଶଙ୍କୁ ପ୍ରମାଣ ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ରତ୍ନାକର ଦୀର୍ଘ ୩୨ ବର୍ଷ ଧରି ସୀମାନ୍ତ ଓ ଉପାନ୍ତ ଆଦିବାସୀ ଅଧ୍ୟୁସିତ ମାଲ୍‌କାନଗିରି ଜିଲାରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ଓ ବନବାସୀଙ୍କ ଜୀବନଧାରା ବିକାଶ କ୍ଷେତ୍ରରେ ଗବେଷଣାତ୍ମକ ଖବର ଓ ଫଟୋ ଫିଚର ବିଭିନ୍ନ ପତ୍ରପତ୍ରିକାରେ ଉପସ୍ଥାପନ କରି ଆସିଛନ୍ତି। ଦାଶ ଓଡ଼ିଶା ସାହିତ୍ୟ ଏକାଦମିର ସଦସ୍ୟଭାବେ ଦୁଇଥର ମନୋନୀତ ହୋଇଛନ୍ତି।

### ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ଚିତ୍ରକୋଣ୍ଡା କଳାହାଣ୍ଡି ସାହି ଚାମ୍ପିୟନ୍

**ଚିତ୍ରକୋଣ୍ଡା,୨୫ା୧(ଡି.ଏନ୍.ଏ.)**

ଚିତ୍ରକୋଣ୍ଡାସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ୍ ଛକ ଠାରେ ୮ ଦିନ ଧରି ଚାଲିଥିବା ଭଲିବଲ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ପଣଷଗନ୍ଧି ଏବଂ ଚିତ୍ରକୋଣ୍ଡା କଳାହାଣ୍ଡି ସାହି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରକୋଣ୍ଡା କଳାହାଣ୍ଡି ସାହି ଟିମ୍ ଚାମ୍ପିୟନ୍ ହୋଇଛି। ୧୮ ରୁ ୨୫ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଚିତ୍ରକୋଣ୍ଡା ଏବଂ ନିକଟ ପଞ୍ଚାୟତର ୧୬ ଟିମ୍ ଭାଗ ନେଇଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କ୍ଲବ୍ ପକ୍ଷରୁ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ମିଳିଛି। ଟୁର୍ନାମେଣ୍ଟ ପରିଚାଳନାରେ ଗଣେଷ ଖରା, ନାରାୟଣ ଦାଶ, ଅଜୁ ଦାନୀ, ମୀରାକାନ୍ତ ଖଣ୍ଡାଗିରି, ଶ୍ରୀକାନ୍ତ ଖଣ୍ଡାଗିରି, କାହ୍ନୁ ଗଲରି, ଗୋପୀନାଥ ଜଲା ପ୍ରମୁଖ ସହଯୋଗ କରିଥିଲେ।






# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ଚିତ୍ରକୋଣ୍ଡା,୨୫ା୧(ଡି.ଏନ୍.ଏ.)**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଚିତ୍ରକୋଣ୍ଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉଭୟ ବାଳିକା ଓ ବାଳକ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରକୋଣ୍ଡା ବ୍ଲକ୍ ଅଧୀନ ବିଭିନ୍ନ ସ୍କୁଲ୍‌ର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିୟର୍ ଏବଂ ସିନିୟର୍ ଦୁଇଟି ଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଝୋଟି ପ୍ରତିଯୋଗିତା କୁ ସିନିୟର ଓ ଜୁନିୟର ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମଥର ପାଇଁ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଭାଗ ନେଇଥିଲେ। ସ୍ଥାନୀୟ ତହସିଲଦାର ଟି. ପଦ୍ମନାଭ ଦୋରା, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକଭାବେ ନାରାୟଣ ମହାରଣା, ଲିପିକା ସାମନ୍ତରାୟ, ମାନସ ରଞ୍ଜନ ସାହୁ, ରାଜଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଜନସାଧାରଣ, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଚିତ୍ରକୋଣ୍ଡା ସମସ୍ତ ଖବରଦାତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସୁବୋଧ ବେହେରା, ମହେଶ୍ୱର ବେହେରା, କିଶୋର ପଟ୍ଟନାୟକ, ବଳଭଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



ମହିଳାଙ୍କ ମଧ୍ୟରେ ଆୟୋଜିତ ଝୋଟି ପ୍ରତିଯୋଗିତା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୨୬ ଜାନୁୟାରୀ, ୨୦୨୦



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡି ରହିବ।
-ବାକନ୍



## ସଂକ୍ଷେପରେ

### ଜାତୀୟ ଭୋଟର ଦିବସ ପାଳିତ

ଜୟପୁର,୨୫।୧(ନି.ପ୍ର.): ଜୟପୁର ଉପଖଣ୍ଡସ୍ତରୀୟ ଜାତୀୟ ଭୋଟର ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ ସ୍କୁଲ, କଲେଜ, ଏନ୍‌ସିସି, ସ୍କାଉଟ ଛାତ୍ରୀଛାତ୍ରଙ୍କୁ ନେଇ ରଜାନହରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହା ବିକ୍ରମଦେବ କଲେଜରେ ପହଞ୍ଚିବା ପରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଉପଜିଲାପାଳ ଲୋକନାଥ ଦଳବେହେରା, ଆସିଷ୍ଟାଣ୍ଟ କଲେକ୍ଟର ରାଜେନ୍ଦ୍ର ଖରା, ସୁରେଶ ଦାସ, କଲେଜ ଅଧ୍ୟକ୍ଷା ରଚନା ଆଚାର୍ଯ୍ୟ, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ ଉପସ୍ଥିତ ଥିଲେ। ସୁନିଶ୍ଚିତ ମଦତାନ ପାଇଁ ରହିଥିଲେ। ସଭାରେ ଉପସ୍ଥିତ ସମସ୍ତେ ଶପଥ ପାଠ କରିଥିଲେ। ସଭା ପରେ କଲେଜରେ ଡିବେଟ, କୁଇଜ, ସ୍ଲୋଗାନ, ଚିତ୍ରକଳା ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅଷ୍ଟମରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ବର୍ତ୍ତମାନ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୧୯୭୬୧୬ ଭୋଟର ରହିଥିବା ବେଳେ ଜୟପୁର ନିର୍ବାଚନ ମଣ୍ଡଳୀରେ ୪୦୦୧୪୧ ଭୋଟର ରହିଛନ୍ତି। ଏହି ଦିବସ ଉପଲକ୍ଷେ ବ୍ଲକସ୍ତରୀୟ, ଜୟପୁର ନିର୍ବାଚନ ମଣ୍ଡଳୀର ୨୩୫ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର ୨୩୪ ବୁଥସ୍ତରରେ ଏହି ଦିବସ ପାଳନ କରାଯାଇ ସମସ୍ତଙ୍କୁ ସଚେତନ କରାଯାଇଥିଲା।

### ସରକାରୀ ମହିଳା ମହାବିଦ୍ୟାଳୟରେ ମତଦାନ ସଂକଳ୍ପ



ଜୟପୁର,୨୫।୧(ନି.ପ୍ର.): ରାଷ୍ଟ୍ରୀୟ ସେବା ଯୋଜନା ତରଫରୁ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ମତଦାନ ସଂକଳ୍ପ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜକ ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ମତଦାନ ସଂକଳ୍ପ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ତଥା ସ୍ୱେଚ୍ଛାସେବୀ ମୁକ୍ତ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖି ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ଭାଗୀଦାରି ଦେବାକୁ ସଂକଳ୍ପ କରିଥିଲେ। ଶପଥ ପାଠ ଉତ୍ସବରେ ଅଧ୍ୟାପକ ଆଦିଆ ଶବର ଓ ଭକ୍ତିଲତା ରାଉତ ସହାୟତା କରିଥିଲେ। ଅଧ୍ୟକ୍ଷା ମନୋରମା ଦେବୀ ସମ୍ବିଧାନ ଉପରେ ଆସ୍ଥା ରଖିବା ସହ ନିର୍ବାଚନରେ ନିଜ ମୂଲ୍ୟବାନ ଭୋଟ ଦାନ ପାଇଁ ଆହ୍ୱାନ କରିଥିଲେ।

# ରାଷ୍ଟ୍ରପତି ପଦକ ପାଇବେ ୩ ଅଧିକାରୀ

ଜୟପୁର,୨୫।୧(ଡି.ଏନ୍.ଏ.)



ଏଏସ୍‌ପି ବିଶ୍ୱନାଥ ମିଶ୍ର। ଅଧୀକ୍ଷକ ଲଲାଟେନ୍ଦୁ ଦାସ। ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ।

- ଜୟପୁର ଜେଲ୍ ଅଧୀକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ମିଳିବ
- ଭିଜିଲାନ୍ସ ଡିଏସ୍‌ପିଙ୍କୁ ରାଷ୍ଟ୍ରପତି ପଦକ
- ଏଏସ୍‌ପିଙ୍କୁ ରାଷ୍ଟ୍ରପତି ପଦକ

କୋରାପୁଟ ଜିଲାରେ କାର୍ଯ୍ୟରତ ଓ ଜନ୍ମିତ ୨ ଜଣ ପୋଲିସ ଅଧିକାରୀ ଏବଂ ଜଣେ ଭିଜିଲାନ୍ସ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମିଳିବ ରାଷ୍ଟ୍ରପତିଙ୍କ ପଦକ। ଜୟପୁର ଉପକାରାଗାର ଅଧୀକ୍ଷକ ଲଲାଟେନ୍ଦୁ ଭୂଷଣ ଦାସଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ, ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ ଓ ଏଏସ୍‌ପି ବିଶ୍ୱନାଥ ମିଶ୍ରଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ।

ଜୟପୁର ଉପକାରାଗାର ଦାୟିତ୍ୱରେ ଥିବା ଅଧୀକ୍ଷକ ଲଲାଟେନ୍ଦୁ ଭୂଷଣ ଦାସ ଜେଲ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦ୍ୱିତୀୟ ଥର ରାଷ୍ଟ୍ରପତିଙ୍କଠାରୁ ପଦକ ପାଇବେ। ୨୦୨୦ ପାଇଁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପାଇବାକୁ ସେ ମନୋନୀତ ହୋଇଛନ୍ତି। ୧୯୯୭ରୁ ଜେଲ ବିଭାଗରେ ଯୋଗ ଦେଇଥିବା ଦାସ ୨୦୧୪ରେ କେନ୍ଦୁଝର ଜିଲା ଜେଲରେ ସହକାରୀ ଜେଲର ଭାବେ କାମ କରୁଥିବା ବେଳେ ତାଙ୍କୁ ରାଷ୍ଟ୍ରପତିଙ୍କ ମେରିଟୋରିୟସ ପଦକ ମିଳିଥିଲା।

ସେହିପରି ଜୟପୁର ଭିଜିଲାନ୍ସ ଡିଭିଜନର ମାଲକାନଗିରି ଡିଏସ୍‌ପି ସୁଶାନ୍ତ ବିଶ୍ୱାଳଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ଦିଆଯିବ। ୨୦୦୬ରେ ଭିଜିଲାନ୍ସ ବିଭାଗରେ ଯୋଗ ଦେଇଥିବା ବିଶ୍ୱାଳ ତଦନ୍ତ କରୁଥିବା ମାମଲାର ଅଧିକାଂଶ ଅଭିଯୁକ୍ତଙ୍କୁ କୋର୍ଟ ପକ୍ଷରୁ ଦୋଷୀ ସାବ୍ୟସ୍ତ କରାଇ ପାରିଛନ୍ତି। ସେ ୧୯୯୩ରେ ପୋଲିସ ଏସ୍‌ଆଇ ଭାବେ ଯୋଗ ଦେଇଥିଲେ। ପୂର୍ବରୁ ସେ ୨ ଥର ଶ୍ରେଷ୍ଠ ଥାନା ଅଧିକାରୀ ଓ ଭିଜିଲାନ୍ସ ଡିଜିଙ୍କଠାରୁ ଶ୍ରେଷ୍ଠ ତଦନ୍ତକାରୀ ଅଧିକାରୀ ଭାବେ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ଜୟପୁର ସହରର ଭୂପତି ସାହି ବାସିନ୍ଦା ତଥା ଜଗତସିଂହପୁର ଜିଲାରେ ଏଏସ୍‌ପି ଭାବେ କାର୍ଯ୍ୟରତ ଥିବା ବିଶ୍ୱନାଥ ମିଶ୍ର ପାଇବେ ରାଷ୍ଟ୍ରପତି ପଦକ। ରାଜ୍ୟର ଏକମାତ୍ର ଏଏସ୍‌ପି ଭାବେ ସେ ଏହି ପଦକ ପାଇବେ। ୧୯୮୪ରେ ପୋଲିସ ଏସ୍‌ଆଇ ଭାବେ ଯୋଗ ଦେଇଥିବା ମିଶ୍ରଙ୍କୁ ୨୦୦୭ରେ ବ୍ରହ୍ମପୁର ଭିଜିଲାନ୍ସ, ୨୦୧୦ରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗରେ ଇନ୍ସପେକ୍ଟର ଓ ୧୯୯୯ରେ ଥାନା ଅଧିକାରୀ ଭାବେ ଶ୍ରେଷ୍ଠ ସେବା ପାଇଁ ରାଜ୍ୟସ୍ତରୀୟ ପଦକ ମିଳିଛି। ସେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ସମ୍ବଲପୁରସ୍ଥିତ ସର୍କଲ ଜେଲ୍ କଲ୍ୟାଣ ବିଭାଗର (ଡିପିଓ) ଅଧିକାରୀ ନିରଞ୍ଜନ ସାହୁ ଓ ସହକାରୀ ମାଟ୍ରୋନ ଶୋଭାଗିନୀ ସିଂଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ଦିଆଯିବା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଗୁଣପୁର ସହକାରୀ ଜେଲର ଧୀରେନ୍ଦ୍ର ବାରିକ, ଜେଲ ମଙ୍ଗଳ ବିଭାଗ ଅଧିକାରୀ ଭାବେ ଅମିର ନାଥଶର୍ମା ଓ ରାମକୃଷ୍ଣ ଦାଶଙ୍କୁ ମେରିଟୋରିୟସ ପଦକ ଦିଆଯିବ।

## ଦିଲ୍ଲୀ ପରେଡ୍‌ରେ ଭିଏସ୍ ସ୍କୁଲ ଛାତ୍ର

ସୁନାବେଡ଼ା,୨୫।୧



ସୁନାବେଡ଼ାସ୍ଥିତ ଭିଏସ୍ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ତଥା ଏନ୍‌ସିସି କ୍ୟାଡେଟ ସର୍ଜେଣ୍ଟ ସାମ୍ ସାଲୋମ ଦିଲ୍ଲୀରେ ହେବାକୁ ଥିବା ଗଣତନ୍ତ୍ର ଦିବସ ପରେଡ଼ରେ ଭାଗ ନେବେ। ଓଡ଼ିଶାରୁ ୧୧୬ ଜଣ କ୍ୟାଡେଟ ମନୋନୀତ ହୋଇଥିବା ବେଳେ ସର୍ଜେଣ୍ଟ ସାମ୍ ଅବିଭକ୍ତ କୋରାପୁଟ ଜିଲା ଜୁନିଅର ଡିଭିଜନର ଏକମାତ୍ର କ୍ୟାଡେଟ ଭାବେ ରହିଛନ୍ତି। ଏଥିରେ ସ୍ଥାନ ପାଇବା ପାଇଁ ସର୍ଜେଣ୍ଟ ସାମ୍ ସାଲୋମ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ୯୦ ଦିନର ତାଲିମ ଶିବିର ସହ ୯ଟି ପର୍ଯ୍ୟାୟରେ ଯୋଗଦେଇ ଶେଷରେ ଦିଲ୍ଲୀ ପରେଡ୍ ପଡିଆରେ ଏକ ମାସ ଧରି ଅନୁଷ୍ଠିତ ହେଉଥିବା ମୁଖ୍ୟ ତାଲିମ ଶିବିରରେ ଭାଗ ନେଇଥିଲେ। ସାମ୍ ଜଣେ ଉତ୍ତମ ଏନ୍‌ସିସି କ୍ୟାଡେଟ ହେବା ସହ ଜଣେ ଉତ୍କୃଷ୍ଟ କଳାକାର ଭାବେ ଶିବିରରେ ନିଜର ପରିଚୟ ଦେଇପାରିଛନ୍ତି। ସେ ଜଣେ ଭଲ ଗୀଟାର ବାଦକ, ଡ୍ରମ ଓ ତବଲା ବାଦକ ଭାବେ ଶିବିର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ, ବାୟୁସେନା ମୁଖ୍ୟ ଓ ଏନ୍‌ସିସିର ଡାଇରେକ୍ଟର ଜେନେରାଲଙ୍କୁ ଭେଟିବାର ସୁଯୋଗ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଏରୋନଟିକ୍ସ ଏଜୁକେଶନ ସୋସାଇଟିର କର୍ମକର୍ତ୍ତାଙ୍କ ସମେତ ବିଦ୍ୟାଳୟର ସମ୍ପାଦକ ତନବୀର ଆଲମ, ଅଧକ୍ଷ ହେମନ୍ତ ସେଠ, ଏନ୍‌ସିସି ଅଧିକାରୀ ଡ. ବିନୋଦ କୁମାର ଅଭିନନ୍ଦନ ଜଣାଇଛନ୍ତି।

## ବାଗ୍‌ଦେରୀ ନୂଆବନ୍ଧରେ ପୁଣି କୁମ୍ଭୀର ଆତଙ୍କ

କୁନ୍ଦୁରା,୨୫।୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରୀ ନୂଆବନ୍ଧରେ ଶନିବାର ପୁଣିଥରେ ଏକ ବିରାଟକାୟ କୁମ୍ଭୀରକୁ ଗ୍ରାମବାସୀ ଦେଖିବା ପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ବାଗଦେରୀ ପଞ୍ଚାୟତ ସଦରସ୍ଥିତ ଜଗନ୍ନାଥ ବିଦ୍ୟାପୀଠ ନିକଟରେ ରହିଥିବା ୩୦ ବର୍ଷ ତଳର ୫ ଏକର ପରିମିତ ଜଳାଶୟରେ ରହୁଥିବା ୪ରୁ ୫ଟି କୁମ୍ଭୀର ମଧ୍ୟରୁ ଜନଶୂନ୍ୟ ହେଲେ ଗୋଟିଏ ବାହାରକୁ ବାହାରନ୍ତି। ଗ୍ରାମବାସୀ ଉକ୍ତ ନୂଆବନ୍ଧରେ ଗାଧୁଆ, ଲୁଗାପଟା ସଫା ସାଙ୍ଗକୁ ଗାଇଗୋରୁଙ୍କୁ ମଧ୍ୟ ଗାଧୋଇଥାନ୍ତି। ଗତ ୧୦ ଜାନୁୟାରୀରୁ ବନ୍ଧ ନିକଟରେ କୁମ୍ଭୀର ବୁଲୁଥିବା ଦେଖିବା ପରେ ସେଠାକୁ ଯିବା ପାଇଁ କେହି ସାହସ କରୁନାହାନ୍ତି। ନୂଆବନ୍ଧରେ କୁମ୍ଭୀର ଖବର ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବା ପରେ ବନ ବିଭାଗ ବନ୍ଧ ନିକଟକୁ କେହି ନ ଯିବା ପାଇଁ ସଚେତନ କରିଥିଲା। ଗତ ୨୦ ଜାନୁୟାରୀ ଭୋରରେ ଦେଢ଼ବର୍ଷର ଏକ କୁମ୍ଭୀର ଛୁଆ ଖାଦ୍ୟ ଅନ୍ୱେଷଣରେ ବନ୍ଧପାର୍ଶ୍ୱରେ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ବୁଲୁଥିବା ବେଳେ ଗାଡ଼ି ଚାପାରେ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ପାଖ କୋଲାବ ନଦୀରୁ ବର୍ଷା ଦିନେ କୁମ୍ଭୀରମାନେ ନୂଆବନ୍ଧକୁ ଆସିଯାଇଛନ୍ତି। ନୂଆବନ୍ଧଠାରୁ ୧୦୦ ମିଟର ଦୂରରେ ଜଗନ୍ନାଥ ବିଦ୍ୟାପୀଠ ରହୁଥିବା ବେଳେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ମଧ୍ୟ ଭୟଭୀତ ହୋଇପଡ଼ିଛନ୍ତି। କୁନ୍ଦୁରା ବନ ବିଭାଗ ଓ ବାଗଦେରୀ ଫରେଷ୍ଟର ପ୍ରତିଦିନ ଏଠାରେ ସତର୍କ ଦୃଷ୍ଟି ରଖିବା ସହ କାହାକୁ ବନ୍ଧ ଭିତରକୁ କାହାକୁ ପଶିବାକୁ ଦେଉନାହାନ୍ତି।

## ଉପର ଗଦଳା ବିଦ୍ୟାଳୟରେ ପ୍ରତିଯୋଗିତା

ଦଶମନ୍ତପୁର,୨୫।୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପଦାବାଗ୍ରୀ କ୍ଲଷ୍ଟର ଅଧୀନରେ ଥିବା ଉପର ଗଦଳା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ କାର୍ଯ୍ୟାଳୟର ହିସାବ ରକ୍ଷକ ଦୀପକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ହିସାବ ରକ୍ଷକ ପି. କମଳେଶ, ସହକାରୀ ଶିକ୍ଷକ କୃପାସିନ୍ଧୁ ଖରା, ଜୁନିୟର ଶିକ୍ଷକ ଆଦିତ୍ୟ ପ୍ରଧାନ, ବିଜ୍ଞାନ ଶିକ୍ଷକ କରେଶ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାରତୀ ବିଶୋଇ ଯୋଗ ଦେଇଥିଲେ।

## ୨ ଚୋରଙ୍କୁ ୫ ବର୍ଷ ସଶ୍ରମ ଜେଲ୍

ଜୟପୁର,୨୫।୧(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଏସଡିଜେଏମ୍‌ଙ୍କ କୋର୍ଟରେ ଚୋରି ମାମଲାର ଶୁଣାଣି ହୋଇ ୨ ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏସ୍‌ଡିଜେଏମ୍ ଜନ୍ମେଜୟ ପଲାଇ ମାମଲାର ବିଚାରଣା କରି ଜୟପୁର ଟାଉନଥାନା ଢେପଗୁଡ଼ାର ସଞ୍ଜିତ ମହାନନ୍ଦିଆ ଓ ସୁରେନ୍ଦ୍ର ହରିଜନଙ୍କୁ ଦଫା ୪୫୭/୩୪ ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଲେଖାଏଁ ଜରିମାନା ରାୟ ଦେଇଛନ୍ତି। ସେହିପରି ଦଫା ୩୮୦/୩୪ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଲେଖାଏ ଜରିମାନା ଶୁଣାଇନ୍ତନ୍ତି। ଉଭୟ ମାମଲାରେ ଜରିମାନା ଅନାଦାୟ ହେଲେ ୩ ମାସ ଲେଖାଏ ଅଧିକ ଜେଲଦଣ୍ଡର ନିର୍ଦ୍ଦେଶ ରହିଛି। ଉଲ୍ଲେଖଯୋଗ୍ୟ, ଉଭୟ ଅଭିଯୁକ୍ତ ୨୦୧୮ ଫେବୃୟାରୀ ୭ ରାତିରେ ସହରର ମହାତ୍ମା ଗାନ୍ଧି ରୋଡସ୍ଥିତ କୋଣାର୍କ କାରଖାନା ମେଶିନ ସାମଗ୍ରୀ ବିକ୍ରି ଦୋକାନର ଶଟର ଭାଙ୍ଗି ଭିତରେ ପଶିବା ସହ ଏକ ଲକ୍ଷ ୯୮ ହଜାର ଟଙ୍କା ଚୋରି କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କଠାରୁ ୩୦ ହଜାର ଟଙ୍କା ଉଦ୍ଧାର କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ଏସ୍‌ଆଇ ଏସ୍.ଏସ୍. ନାୟକ ଓ ସରକାରୀ ଆଇନଜୀବୀ ଗୁପ୍ତେଶ୍ୱର ବିଶୋୟୀ ମାମଲା ପରିଚାଳନା କରିଥିଲେ।

# ଭିଡି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

### ଜିଲାପାଳଙ୍କୁ ଦାବିପତ୍ର ଦେଲେ ପୁରାତନ ଛାତ୍ର ସଂସଦର ସଭାପତି

ଜୟପୁର,୨୫।୧(ଡି.ଏନ୍.ଏ.)



କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଦାବିପତ୍ର ଦେଉଛନ୍ତି ଛାତ୍ର ସଂସଦର ସଭାପତିମାନେ।

ଦକ୍ଷିଣ ଓଡ଼ିଶାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ହୋଇଛି। ଏନେଇ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଭାପତିମାନେ ମିଳିତ ଭାବେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଦେଇଛନ୍ତି। ବିକ୍ରମଦେବ ମହାବିଦ୍ୟାଳୟ ପ୍ରତିଷ୍ଠା ହେବାର ୭୩ ବର୍ଷ ହେଲାଣି। ଦୁଇବର୍ଷ ପରେ ପ୍ଲାଟିନମ ଜୁବୁଲି ପାଳନ କରାଯିବ। ରାଜ୍ୟର ଅନ୍ୟ ମହାବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରାଯାଇ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଉଛି। ବ୍ରହ୍ମପୁରରୁ ୩୬୦ରୁ ୫୦୦ କିଲୋମିଟର ଦୂରରେ ରହିଛି କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ମହାବିଦ୍ୟାଳୟ। ତେଣୁ ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଗଲେ ଏହା ଅଧୀନରେ ଅବିଭକ୍ତ କୋରାପୁଟ ଜିଲାର ୫୩ଟି ସ୍ନାତକ ମହାବିଦ୍ୟାଳୟ ରହିବ। ସେହିପରି ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୫ଟି ସ୍ନାତକୋତ୍ତର ବିଭାଗ ରହିଥିବା ବେଳେ ୫ହଜାର ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି। ରାଜ୍ୟ ସରକାର ୨୦୦୪-୦୫ରେ ଏହାକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଘୋଷଣା କରିଥିଲେ। ଏହି ପୁରାତନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦାବି ଯଥାର୍ଥତା ବୋଲି ପୂର୍ବତନ ଛାତ୍ର ସଂସଦର ସଭାପତିମାନେ ଦାବି ରଖିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ଛାତ୍ର ସଂସଦର ସଭାପତି ଭାରତ ଭୂଷଣ ପଟ୍ଟନାୟକ, ବିଜୟ ରାୟଜେନା ଦେଓ, ସୁନୀଲ ଦାଶ, ସୁକାନ୍ତ ତ୍ରିପାଠୀ, ମନମୋହନ ଆଚାର୍ଯ୍ୟ, ରମେଶ ନାୟକ, କେ. ଶ୍ରୀନିବାସ, ଧର୍ମେନ୍ଦ୍ର ଅଧିକାରୀ, ଗୌରୀ ଚରଣ ଦେବଶର୍ମା, ସତୀଶ ସାହୁ, ରଘୁନାଥ ନାୟକ, ସିଦ୍ଧାର୍ଥ ପାଣିଗ୍ରାହୀ, ସଂଗ୍ରାମ କେଶରୀ ସିଂ ଉପସ୍ଥିତ ଥିଲେ।

## ଜାତୀୟ ମତଦାତା ଦିବସ ପାଳିତ



ମତଦାତା ଦିବସ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଦଶମନ୍ତପୁର,୨୫।୧(ଡି.ଏନ୍.ଏ.)

ଦଶମନ୍ତପୁରସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଶନିବାର ଜାତୀୟ ଭୋଟର୍ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ତ୍ରିନାଥ ପାତିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁକାନ୍ତ ବାଣୁଆ, ସରୋଜ କୁମାର ତୁଳ, ପର୍ଶୁରାମ ସାହୁ, ପତିତପାବନ ସେନାପତି, କ୍ରୀଡ଼ା ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଅନିଲ କୁମାର ଦୋରାଙ୍କ ସମେତ +୩ & +୨ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଭୋଟରଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଅତିଥିମାନେ ବୁଝାଇବା ସହ ମହାବିଦ୍ୟାଳୟରୁ ଆରମ୍ଭ କରି ମେଡିକାଲ ଛକ ଓ ସାହି ପରିକ୍ରମା କରି ଭୋଟର୍ସଙ୍କୁ ସଚେତନତା ବାର୍ତ୍ତା ବଣ୍ଟାଯାଇଥିଲା।

## ସାକିଆଗୁଡ଼ାରେ ସଚେତନତା କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୨୫।୧(ସ୍ୱ.ପ୍ର.)





ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଚୁଲା ବାଣ୍ଟୁଛନ୍ତି ବନ ଅଧିକାରୀ।

ସେମିଳିଗୁଡ଼ା ବନାଞ୍ଚଳ ଆନୁକୂଲ୍ୟରେ ସାକିଆଗୁଡ଼ା ବନ ସୁରକ୍ଷା ସମିତିରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଙ୍ଗଲରେ ନିଆଁ ନ ଲଗାଇବା ଓ ବେଣ୍ଟ ଶିକାର ନ କରିବା ପାଇଁ ସଚେତନତା ରଥ ବୁଲିବା ସହ ବନ ସୁରକ୍ଷା ସମିତି ଓ ସମସ୍ତ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ବନଖଣ୍ଡ ଅଧିକାରୀ ସୁଶ୍ରୀ ରିଙ୍କୁ କୁମାରୀ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତ ସଭ୍ୟଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଓ ସଭା ହୋଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ଗ୍ରାମର ୮୦ ପରିବାରକୁ ଗୋଟିଏ ଲେଖାଏଁ ଉନ୍ନତ ଚୁଲା, ଟିସୁ କଲଚର କଦଳୀ ଗଛ ଓ କଲମି ଆମ୍ବ ଗଛ ବାଣ୍ଟିଥିଲେ। ବର୍ତ୍ତମାନ ଜଙ୍ଗଲରେ ନିଆଁ ଲାଗିବା ଓ ଚୈତ୍ର ପର୍ବ ସମୟ ଆସିଯାଇଥିବାରୁ ଜଣସାଧାରଣଙ୍କୁ ଏଥିପାଇଁ ସଚେତନ ହେବାକୁ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନାଞ୍ଚଳ ଅଧିକାରୀ ଚନ୍ଦ୍ରସେନ ପୂଜାରୀ, ବନପାଳ ତ୍ରିପତି ପଣ୍ଡା, ଗୋପୀନାଥ ପାଙ୍ଗି, ବନରକ୍ଷୀ ରତନ ଗେମେଲ, ସୁନୀଲ ପାଣିଗ୍ରାହୀ ଓ ସହଯୋଗୀ, ଏନ୍‌ଜିଓର ବୈଷ୍ଣବ ଚରଣ ବେହେରା, ମନୋଜ ବେହେରା, ବିଶ୍ୱନାଥ ଚପାଡି ଉପସ୍ଥିତ ଥିଲେ।

## ଗୁପ୍ତେଶ୍ୱର ଜାଗରମେଳା ପାଇଁ ପ୍ରସ୍ତୁତି

ଜୟପୁର,୨୫।୧(ନି.ପ୍ର.)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

- ମଦୁଆ ଚାଳକଙ୍କ ଯାଞ୍ଚ କଡ଼ାକଡ଼ି
- ଜୟପୁର-ଗୁପ୍ତେଶ୍ୱର ବସ୍ ଭଡ଼ା ୫୦ ଟଙ୍କା

ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରରେ ଜାଗରମେଳା ପାଇଁ ଜୟପୁର ଆଇଡିଟିଏ ପିଏଙ୍କ ସଭାଗୃହରେ ଶନିବାର ପ୍ରସ୍ତୁତି ବୈଠକ ବସିଛି। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ତହସିଲଦାର ତଥା ଦେବୋତ୍ତର ଅଧିକାରୀ ମାତରଂ ଲେଆଙ୍ଗି, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ବୈପାରିଗୁଡ଼ା ବିଡିଓ ରଜନୀକାନ୍ତ ଦାସ, ତହସିଲଦାର ସଞ୍ଜୀବ ସାହୁ, ବୈପାରୀଗୁଡ଼ା ଥାନା ଅଧିକାରୀ ମହେନ୍ଦ୍ର ସାହୁ, ଏସ୍‌ଡିପିଆର୍‌ଓ ପୀତବାସ ବିଶ୍ୱାଳ ଯୋଗ ଦେଇଥିଲେ। ଫେବୃୟାରୀ ୨୧ରେ ମହାଶିବରାତ୍ରି ପଡୁଥିବାରୁ ୧୯ରୁ ୨୨ ତାରିଖ ଯାଏ ଜାଗର ମେଳା ହେବ। ଉକ୍ତ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତିରେ ହରିହର ଭେଟ ଅନୁଷ୍ଠିତ ହେବ। ଏଥିପାଇଁ ବୈପାରିଗୁଡ଼ାରୁ ଗୁପ୍ତେଶ୍ୱର ଯାଏ ରାସ୍ତାର ଅବସ୍ଥା ନେଇ ଆଲୋଚନା ହୋଇଥିଲା। ରାମଗିରି-ଗୁପ୍ତେଶ୍ୱର ରାସ୍ତା ମରଣଯନ୍ତା ପାଲଟିଥିବାରୁ ଏହାର ମରାମତି କାମ ତୁରନ୍ତ କରିବାକୁ ଆଲୋଚନା କରାଯାଇଥିଲା। ୪ ଜଣିଆ ଟିମ ଗୁପ୍ତେଶ୍ୱର ଗସ୍ତ କରି ରାସ୍ତା ସ୍ଥିତି ଦେଖିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମେଳା ସମୟରେ ଟ୍ରାଫିକ ବ୍ୟବସ୍ଥା, ୪ଟି ପାର୍କିଂ, ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ସଜାଗ ରହିବା, ଆବଶ୍ୟକ ଘରୋଇ ଓ ସରକାରୀ ବସ୍ ବ୍ୟବସ୍ଥା ସହ ଜୟପୁରରୁ ଗୁପ୍ତେଶ୍ୱରକୁ ବସ୍‌ଭଡ଼ା ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଡକରି ଘାଟିରେ ହେଲଥ୍ ଭ୍ୟାନ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗୁପ୍ତେଶ୍ୱର ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ହେଉଥିବାରୁ ଧରପଗଡ଼, ଦୁର୍ଘଟଣା ଏଡ଼ାଇବା ପାଇଁ ମଦୁଆ ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ହତ୍ୟା ଧମକ ଘଟଣାରେ ୬ ମାସ ଜେଲ୍

**ନବରଙ୍ଗପୁର,୨୫ା୧(ବି.ପ୍ର.)**- ହତ୍ୟା ଧମକ ଦେବା ଘଟଣାର ବିଚାର କରି ନବରଙ୍ଗପୁର ସିଜେଏମ ରାଜ କୁମାର ଦାଶ ଅଭିଯୁକ୍ତ ମକର ହରିଜନଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୧୧ ମାର୍ଚ୍ଚ ୩୦ ତାରିଖରେ ନୀଳକଣ୍ଠ ହରିଜନଙ୍କୁ ମକର ହରିଜନ ହତ୍ୟା ଧମକ ଦେଇଥିଲେ। ଏନେଇ ନିଳକଣ୍ଠ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ ୨୪୯/୧୧ ରେ ଏକ ମାମଲା ରୁଜୁ ହୋଇଥଲା । ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା । ମାମଲାଟି ବିଚାରାଧିନ ଥିଲା । ୧୧ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସିଜେଏମ ରାଜ କୁମାର ଦାଶ ଶନିବାର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

### ପରିବେଶ ସୁରକ୍ଷା ପାଇଁ ଜିଲାସ୍ତରୀୟ କମିଟି ଗଠିତ

#### ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ

ନବରଙ୍ଗପୁର,୨୫ା୧(ବି.ପ୍ର.)- ସ୍ଥାନୀୟ ରାଜୀବ ଭବନ ଠାରେ ଜିଲାପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲା ପରିଷଦ ଅଧକ୍ଷା ଭଗବତୀ ଭତରା ସଭାପତିତ୍ୱ କରିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଏହି ସ୍ୱତନ୍ତ୍ର ବୈଠକର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜାତୀୟ ଗ୍ରୀନ ଟ୍ରିବୁନାଲର ନିର୍ଦ୍ଦେଶ ପ୍ରକାରେ ପରିବେଶ ସୁରକ୍ଷା ପାଇଁ ଜିଲାସ୍ତରୀୟ କମିଟି ଗଠନ କରାଯିବ । ଏଥିରେ ଜିଲାପରିଷଦର ୭ଜଣ ସଦସ୍ୟା ସଦସ୍ୟ ରହିବେ । ଦେଶର ପରିବେଶ ଅସନ୍ତୁଳିତ ହେଉଥିବାବେଳେ ଏହାକୁ ନେଇ ଟ୍ରିବୁନାଲ ଉଦବେଗ ପ୍ରକାଶ କରିଛନ୍ତି। ଫେବୃୟାରୀ ମାସ ସୁଦ୍ଧା ଏହି କମିଟି କରାନଗଲେ ୧୦ଲକ୍ଷ ଟଙ୍କାର ଜରିମାନା ଘୋଷଣା କରାଯାଇଛି । ପରିବେଶ ପ୍ରଦୂଷଣକୁ ରୋକିବା, ନୂତନ ଚାରା ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିବା କହିଥିଲେ । ଏମପି ରମେଶ ଚନ୍ଦ୍ର ମାଝୀ ପରିବେଶ ପ୍ରଦୂଷଣ କାରଣରୁ ଦିଲ୍ଲୀ , ପଞ୍ଜାବ ଭଳି ଅଞ୍ଚଳରେ ଭୟାନକ ପରିସ୍ଥିତି ଦେଖା ଦେଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସମସ୍ତେ ସଚେତନତା ହେବା ଉପରେ ଗୁରୁତ୍ୱ ଦେଇଥିଲେ। ନବରଙ୍ଗପୁର ଓ ଉମରକୋଟ ସହରର ବିଭିନ୍ନ ସାହିରେ ଅଳିଆ ଭର୍ତ୍ତି ହେଉଥିବା କାରଣରୁ ପରିବେଶ ଅଧିକ ପ୍ରଦୂଷଣ ହେଉଥିବା କହିବା ସହ ଏହାର ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ,ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ପରିବେଶ ସୁରକ୍ଷା ସମ୍ପର୍କରେ କହିଥିଲେ। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ , ଜିଲାପରିଷଦ ଉପାଧକ୍ଷା ନିବେଦିତା ମହାନ୍ତ ମଞ୍ଚାସୀନ ଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରମାକାନ୍ତ ନାୟକ ଟ୍ରିବୁନାଲର ଗାଇଡ ଲାଇନ ସମ୍ପର୍କରେ ଅବଗତ କରାଇଥିଲେ। ଏସିଏଫ ଧନୁର୍ଜୟ ମହାପାତ୍ର ଜୈବ ବିବିଧତା ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ସର୍ବସମ୍ମତିକ୍ରମେ ଜିଲା କମିଟି ଗଠନ କରାଯାଇଥିଲା ।

### ମଦ ଜବତ, ୨ ଗିରଫ

**ବୁଗୁଡ଼ା,୨୫ା୧(ଡି.ଏନ.ଏ.):** ବୁଗୁଡ଼ା ଥାନା ନଗୁଡ୍ଡୁ ଏବଂ ମକରାପଲ୍ଲୀ ଛକରେ ବୁଗୁଡ଼ା ପୋଲିସ ୨ ଯୁବକଙ୍କୁ ଗିରଫ କରି ସେମାନଙ୍କଠାରୁ ଦେଶୀ ମଦ ଜବତ କରିଛି। ସେମାନେ ହେଲେ ନଗୁଡ୍ଡୁର ନାରାୟଣ ଗୌଡ଼ ଓ ମକରାପଲ୍ଲୀ ଗ୍ରାମର ଦୋଳ ଗୋବିନ୍ଦ ପାତ୍ର। ଏନେଇ ପୋଲିସ ନଂ. ୧୯, ୨୦/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି।

# ଫସଲ ବୀମା, ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

## ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

- ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ
- ବୋରିଗୁମ୍ମା-ମାଝୀଗୁଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ୧୨ ମିଟର ଚଉଡା ହେବ
- ଭଗ୍ନାବସ୍ଥାରେ ଥିବା ବିଦ୍ୟାଳୟ ତାଲିକା ଦେବା ପାଇଁ ଡିଇଓଙ୍କୁ ପରାମର୍ଶ



ବୈଠକରେ ଏମପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ ।

**ନବରଙ୍ଗପୁର, ୨୫ା୧(ବି.ପ୍ର.)**

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେଏମପି ରମେଶ ଚନ୍ଦ୍ର ମାଝୀ ଅଧକ୍ଷତା କରିଥିଲେ। ପ୍ରଥମେ ଜିଲା ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା । ମହାପ୍ରୟାଣ ସେବାରେ ବହୁ ସମସ୍ୟା ଦେଖାଦେଉଛି । ରାତିରେ କେହି ମୃତ୍ୟୁବରଣ କଲେ ମହାପ୍ରୟାଣ ମିଳୁନି । ଲୋକେ ଆମ୍ବୁଲାନ୍ସ ଭଡା କରି ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଏମପି ଅଭିଯୋଗ କରିଥିଲେ । ସେହିଭଳି ଜିଲାର ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଜିଲାରେ ଶିଶୁ ମୃତ୍ୟୁହାର କମିଥିବା ବେଳେ ମାତୃ ମୃତ୍ୟୁହାର ବଢିଛି ବୋଲି ସୂଚନା ଦିଆଯାଇଥିଲା । ଡାକ୍ତର ନିଯୁକ୍ତି ପରେ ଆସୁନାହାନ୍ତି । ଏହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କମିଟି ପକ୍ଷରୁ ସହମତି ପ୍ରକାଶ ପାଇଥିଲା । ୧୨୨ ଜଣ ଡାକ୍ତର ଓ ବିଶେଷଜ୍ଞ ଆବଶ୍ୟକସ୍ଥଳେ ୮୪ଜଣ ରହିଛନ୍ତି । ୬୮ କର୍ମଚାରୀ ସ୍ଥଳେ ରହିଛନ୍ତି ୧୧ ଜଣ । ସେହିପରି ଫର୍ମାସିଷ୍ଟ, ଲ୍ୟାବ ଟେକ୍ନିସିଆନ ଆଦି ପଦବୀ ଖାଲି ପଡିଥିବା ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ସୂଚନା ଦେଇଥିଲେ । ଉମରକୋଟରେ ବ୍ଲଡ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ । ଉଠା ଜଳସେଚନ ପାଇଁ ଟଙ୍କା ଜମା କରି ଚାଷୀ ବୋରୱେଲ ଖୋଲି ପାରୁନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୩ ହଜାର ଚାଷୀ ଏଯାଏ ମରୁଡି କ୍ଷତି ଟଙ୍କା ପାଇ ନାହାନ୍ତି । ଆଇନର ଆଶ୍ରୟ ଯେଉଁମାନେ ନେଉଛନ୍ତି ସେମାନଙ୍କୁ ବୀମା ଟଙ୍କା ପ୍ରଦାନ କରାଯାଉଛି । ଏମଏସ ଚୋଲାମଣ୍ଡଳ ବୀମା ସଂସ୍ଥାର ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ ହେଉନାହିଁ । ଚାଷୀମାନେ ମଧ୍ୟ ସୂଚନା ପାଉ ନାହାନ୍ତି । ଏଥିପାଇଁ ଉକ୍ତ ସଂସ୍ଥା ନାଁରେ ଏତଲା ଦେବାକୁ କମିଟି ପକ୍ଷରୁ କୁହା ଯାଇଥିଲା । କାଳିଆ ଯୋଜନାରେ ଅନେକ ଚାଷୀ ଏଯାଏ ଟଙ୍କା ପାଇ ନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା। ଜଳନିଧି ଯୋଜନା ମାଧ୍ୟମରେ ଚାଷୀଙ୍କ ଗଭୀର ନଳକୂପ ଖନନରେ ବ୍ୟାପକ ଦୁର୍ନୀତି କଥା ଉଠିଥିଲା । ତେବେ ୧୨ ଶହ ନଳକୂପ ଖନନ ହୋଇଛି । ୧୨୬ ନଳକୂପ ବ୍ୟବହାର କରିପାରିବେ ବୋଲି ଅନୁମତି ଆସିଛି । ଚଳିତ ବର୍ଷ ୧୨ଶହ ନଳକୂପ ଖନନ ହେବ । ଫେବୃୟାରୀ ୧୫ ତାରିଖରୁ ଖନନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥଲା । ଜିଲାରେ ଅନେକ ଉଠା ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି ତାହାର ମରାମତି ହୋଇ ପାରୁ ନାହିଁ ବୋଲି ଅଭିଯୋଗ ଆସିଥିଲା । ପଞ୍ଚାୟତରେ ହେଉଥିବା ଅଭିଯୋଗ ଶୁଣାଣି ଦିନ ପିଇଓ ଏବଂ ଉଠାଜଳସେଚନ ବିଭାଗର କର୍ମଚାରୀ ବସି ଚାଷୀଙ୍କ ଅଭିଯୋଗ ଶୁଣିବେ ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଥିଲେ । ଜିଲାରେ ଅନେକ ବିଦ୍ୟାଳୟ ୧୦ ବର୍ଷ ହେବ ଅଧୁରା ହୋଇ ରହିଛି ସେଗୁଡି ସମ୍ପୂର୍ଣ୍ଣ କରାଯିବା ଉପରେ ଆଲୋଚନା ହୋଇଥିଲା । ଚନ୍ଦାହାଣ୍ଡି ବ୍ଲକର କେଜିବିଭି କୋଠା ଠିକାଦାର ନିର୍ମାଣ କରି ତାଲା ପକାଇ ରଖିଛନ୍ତି । ବିଲ ଦିଆଯାଉନାହିଁ କି ହସ୍ତାନ୍ତର ହୋଇ ପାରୁ ନାହିଁ । ଛାତ୍ରୀଛାତ୍ର ବାହାରେ ବସି ପାଠ ପଢୁଛନ୍ତି । ଏନେଇ ବୈଷୟୀକ ପରାମର୍ଶ ଦାତା ରବିବାର ଅପରାହ୍ନରେ ଫାଇଲ ନେଇ ଜିଲାପାଳଙ୍କ ସହ ଦେଖା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭଗ୍ନାବସ୍ଥାରେ ରହିଥିବା ବିଦ୍ୟାଳୟଗୁଡିକର ତାଲିକା ମଧ୍ୟ ଦେବା ପାଇଁ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀଙ୍କୁ ପରାମର୍ଶ ଦିଆଯାଇଥଲା । ନବରଙ୍ଗପୁର ଜିଲାର ବୋରିଗୁମ୍ମା ମାଝୀଗୁଡା ପର୍ଯ୍ୟନ୍ତ ୧୨ ମିଟର ଚଉଡାର ଜାତୀୟ ରାଜପଥ ହେବ । ଏନେଇ ୩୬ କୋଟି ଟଙ୍କା ବ୍ୟୟ ବରାଦ ରହିଛି ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ନବରଙ୍ଗପୁର ଜିଲାର ସମସ୍ତ ପଞ୍ଚାୟତରେ ବିଏସଏନଏଲ ସେବା ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେହିଭଳି ରାଇଘର ଉମରକୋଟ ରାସ୍ତା ନିର୍ମାଣ ହେବ । ଏନେଇ ରାଜ୍ୟ ସରକାର ୮ କୋଟି ଟଙ୍କା ପ୍ରଦାନ କରୁଛନ୍ତି ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ କହିଥିଲେ । ଜିଲା ପ୍ରାଣିଧନ ବିଭାଗ ପକ୍ଷରୁ କୁକୁଡା ଚିଆଁ ବଣ୍ଟନରେ ମହାଦୁର୍ନୀତି ହୋଇଛି ବୋଲି କମିଟି ସଦସ୍ୟ ପ୍ରମୋଦ ପାଢୀ ଅଭିଯୋଗ ଆଣିଥିଲେ । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅଭିଯୋଗ କରିଥିଲେ । ଏହି ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲାପରିଷଦ ଅଧକ୍ଷା ଭଗବତୀ ଭତରା, ଉପାଧକ୍ଷା ନିବେଦିତା ମହାନ୍ତି , ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ଭୋଟର ଦିବସରେ ସଚେତନତା ଶୋଭାଯାତ୍ରା

**ଝରିଗାଁ,୨୫ା୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି ଠାରେ ବ୍ଲକ ସ୍ତରୀୟ ଦଶମ ଜାତୀୟ ଭୋଟର ଦିବସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ଠାରୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ବାହାଦୁରସିଂ ଧରୁଆ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନରେ ଗ୍ରାମ ପରିକ୍ରମା କରି ସାଧାରଣ ଲୋକଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇଥିଲେ। ଏହାପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ମତଦାତା ହୋଇ ମୁଁ ଗର୍ବିତ' ବିଷୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦିପକ କୁମାର ତ୍ରିପାଠି ପ୍ରଥମ ସ୍ଥାନ ହୋଇଥିବା ବେଳେ ୨ୟରେ ପ୍ରଶାନ୍ତ କୁମାର ନାୟକ ଏବଂ ୩ୟ ସ୍ଥାନରେ ପ୍ରୀୟଙ୍କା ନାୟକ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଧାପକ ଗୋପାଳ ମହାରଣା, ସନ୍ତୋଷ କୁମାର ଖିଲାର, ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ବତକ ପାଳନ ପାଇଁ ତାଲିମ ଶିବିର

**ନବରଙ୍ଗପୁର, ୨୫ା୧(ବି.ପ୍ର.)**

ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଉନ୍ନତ ବତକ ପାଳନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଭୁବନେଶ୍ୱର କେନ୍ଦ୍ରୀୟ ପକ୍ଷୀ ପାଳନ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା ଉପସ୍ଥିତ ରହି ବତକ ପାଳନ ଦ୍ୱାରା ଆର୍ଥୀକ ଲାଭ ଦ୍ୱାରା କୁପୋଷଣ ମଧ୍ୟ ଦୁର ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ନାରାୟଣ ବେହେରା ଯୋଗ ଦେଇ ଟୀକାକରଣ ସହ ଉନ୍ନତ ମାନର ଖାଦ୍ୟ ବ୍ୟବହାର ଦ୍ୱାରା ବତକ ପାଳନର ଆୟ ବୃଦ୍ଧିରେ ସହାୟକ ହୋଇ ପାରିବ ବୋଲି କହିଥିଲେ । କେନ୍ଦ୍ରୀୟ ପକ୍ଷୀ ପାଳନ ଓ ଗବେଷଣା ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ଡଃ. ଉହେନ୍ଦ୍ର କୁମାର ପାଢୀ ଉତ୍ତମ କିସମର ଖାଖି କେମ୍ପବେଲ ମାନର ଗୋଟିଏ ବତକ ବର୍ଷରୁ ୨ଶହ ରୁ ୨୫୦୦ ପର୍ଯନ୍ତ ଅଣ୍ଡା ଦେଇଥାଏ । ବତକର ବାସ ସ୍ଥାନ, ଖାଦ୍ୟ ପରିଚାଳନା, ସ୍ୱାସ୍ଥ୍ୟ ସମ୍ୱନ୍ଧରେ ଚାଷୀଙ୍କୁ ତାଲିମ ଦିଆଯାଇଥିଲା । ଏହି ଶିବିରେ ୫୦ ଚାଷୀ ଯୋଗ ଦେଇଥିଲେ ।

# ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

**ତେନ୍ତୁଳିଖୁଣ୍ଟି,୨୫ା୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନୀତ ଅତିଥି ବିଧାୟକ ସଦାଶିବ ପ୍ରଧାନୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଗାହାଣ, ବ୍ଲକ ଅଧକ୍ଷା ଦେବକୀ ନାୟକ, ବ୍ଲକ ଉପାଧକ୍ଷ ତନୟ ସାଗର ନାୟକ, ମୁଖ୍ୟନିର୍ମାଣ ଯନ୍ତ୍ରୀ ସାମନ୍ତ ଶେଖର ଧର ଯୋଗ ଦେଇଥିଲେ। ବିଦ୍ୟାଳୟର ସାଂସ୍କୃତିକ ସଂସଦ ସଭାପତି ତଥା ଓଡିଆ ଅଧାପକ ଡଃ ଅଶୋକ କୁମାର ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସାଂସ୍କୃତିକ ପରିଷଦର ଉପସଭାପତି ପଲ୍ଲୀଶ୍ରୀ ନାୟକ ପୁରସ୍କାର ବିବରଣୀ ଉତ୍ସବର ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଗ୍ରୁପ ଚାମ୍ପିୟନ ସୌରଭ ହରିଜନ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଯଶୋବନ୍ତ ବରାଳ ଧନ୍ୟବାଦେ ଅର୍ପଣ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ସୁବାସ ଚନ୍ଦ୍ର ଦାସ ବିଦ୍ୟାଳୟ ସମସ୍ୟା ସମାଧାନ ପାଇ ଏମପି ଓ ବିଧାୟକ ସହଯୋଗ କରିବାକୁ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇବଲା। ଓଡିଆ ଅଧାପିକା ପ୍ରିୟଦର୍ଶନୀ ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜାତୀୟ ମତଦାନ ଦିବସ

**କୋଡିଙ୍ଗା, ୨୫ା୧(ଡି.ଏନ.ଏ.)**

କୋଷାଗୁମୁଡା ବ୍ଲକ କୋଡିଙ୍ଗା ରାଜଚାଉଁରିଆ ମାଧ୍ୟମିକ ବିଦ୍ୟାଳୟଠାରେ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋଷାଗୁମୁଡା ବିଡିଓ ସତ୍ୟନାରାୟଣ ମେହେର, ପଞ୍ଚାୟତ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ, ସୁନିଲ ପଟ୍ଟନାୟକ ଯୋଗ ଦେଇଥିଲେ। ୧୮ବର୍ଷ ହେଲେ ସମସ୍ତ ଛାତ୍ରୀଛାତ୍ର ଭୋଟର ତାଲିକାରେ ନାମ ପଞ୍ଜିକୃତ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଉପାଧକ୍ଷ ବିବେକ ମହାଳିକ, ରେଡକ୍ରସ ସଂଯୋଜକ ଅଖିଳ କୁମାର ଭଞ୍ଜ, ଏନଏସଏସ ଅଧିକାରୀ ରବିନାରାୟଣ ପାଣିଗ୍ରାହୀ, ଅଧକ୍ଷା ଅମିତା ରାୟ, ଅଧାପକ ଦାମୋଦର ସାହୁ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

# ଜିଲାସ୍ତରୀୟ ଖବରଦାତା ସମ୍ମିଳନୀ

## ୫ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା


ସମ୍ମିଳନୀରେ ଏମପି ଉଦବୋଧନ ଦେଉଛନ୍ତି ।

**ରାଇଘର,୨୫ା୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକର ସଦର ମହକୁମା ସ୍ଥିତ ତପନ କଲ୍ୟାଣ ମଣ୍ଡପ ଠାରେ ରାଇଘର ସାମ୍ବାଦିକ ସଂଘ ଆନୁକୁଲ୍ୟରେ ଜିଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ , ନବରଙ୍ଗପୁର ଜିଲା ଓୟୁଜେ ସଭାପତି ସୁଶାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାହୁ , ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ରଥ, କାର୍ଯ୍ୟକାରୀ ସମ୍ପାଦକ ପି. ପ୍ରକାଶ, ରାଇଘର ସାମ୍ବାଦିକ ସଂଘ ସଭାପତି କିରଣ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ରାଇଘର ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ପ୍ରଶାନ୍ତ ସାହୁ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ରଥ ମହାରାଷ୍ଟ୍ର ସରକାର ସାମ୍ବାଦିକମାନଙ୍କ ବୀମା ରାଶି ୫ ଲକ୍ଷ ଟଙ୍କା ରଖିଥିବା ବେଳେ ଓଡିଶା ସରକାର ମାତ୍ର ୨ ଲକ୍ଷ ରଖିଛନ୍ତି । ଏହାକୁ ବିଧାନସଭାରେ ଉପସ୍ଥାପନ କରିବାକୁ ସେ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ସୁଦର୍ଶନ ମାଝୀ, ସଭ୍ୟା ପ୍ରିତୀସ୍ନିଗ୍ଧା ମହାପାତ୍ର, ଯତୀନ୍ଦ୍ର ନାଥ ଗଣ୍ଡ, ଅଧାପକ ପରୀକ୍ଷିତ ସାହୁ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗରେ ପାରଦର୍ଶିତା ଥିବା ଚନ୍ଦାହାଣ୍ଡି ବ୍ଲକର ଡକ୍ଟର ବସନ୍ତ କୁମାର ଷଡଙ୍ଗୀ, ଚେରମୁଳି ଚିକିତ୍ସା ଦ୍ୱାରା ଅଞ୍ଚଳବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଥିବା ମରଣୋତ୍ତର ଚୈତନ୍ୟ ଅଶ୍ଚି , ସାହିତ୍ୟିକ ପରୀକ୍ଷିତ ସାହୁ, ରାଇଘର ବ୍ଲକର ସାମାଜିକ କର୍ମୀ ସୁରେଶ ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦ ଓ ବିଧାୟକ ରାଇଘର ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ଦୁଇ ଲକ୍ଷ ଟଙ୍କା ମୋଟ ୪ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ଘୋଷଣା କରିଛନ୍ତି ।


ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

# ବ୍ଲକସ୍ତରୀୟ ଜାତୀୟ ଭୋଟର ଦିବସ

**ଡାବୁଗାଁ, ୨୫ା୧(ଡି.ଏନ.ଏ.)**– ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଦଶମ ଜାତୀୟ ଭୋଟର ଦିବସ ଶନିବାର ପାଳିତ ହୋଇଯାଇଛି । ଏଥିରେ ଡାବୁଗାଁ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବ୍ଲକ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଅନୁଷ୍ଠିତ ସଭା ସମସ୍ତ ଅଧିକାରୀ ଓ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ । ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଭୋଟର ଦିବସ ପାଳନ ଉପରେ ପିଲାମାନଙ୍କୁ ବୁଝାଇଥିଲେ । ସଭାରେ ସିଆରସିସି ପଙ୍କଜ କୁମାର ମହାନ୍ତି, ଶିକ୍ଷକ ଏ. ବାଲରାଜୁ ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

# ଆରଏସ୍‌ଏସ୍ କୋଡିଙ୍ଗା ଶାଖାର ରୌପ୍ୟଜୟନ୍ତୀ

**କୋଡିଙ୍ଗା, ୨୫ା୧(ଡି.ଏନ.ଏ)**– ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶାଖାର ରୌପ୍ୟଜୟନ୍ତୀ ପାଳିତ ହୋଇଯାଇଛି । ୧୯୯୪ ମସିହା ଏହି ଦିନରେ କୋଡିଙ୍ଗାଠାରେ ଏହି ଶାଖା ଯାହାର ନାମ ଚେତକ ପ୍ରଭାତ ଶାଖା କିଛି ଯୁବକ ଓ କିଶୋରମାନଙ୍କୁ ନେଇ ଆରମ୍ଭ କରାଯାଇଥିଲା । ଏହି ଅବସରରେ କୋଡିଙ୍ଗା ମିନି ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ କୋଡିଙ୍ଗା ତହସିଲଦାର ସବ୍ୟସାଚୀ ଜେନା, ମୁଖ୍ୟବକ୍ତା ଭାବେ ସଂଘର ଜିଲା କାର୍ଯ୍ୟବାହ ଯୁଧିଷ୍ଠିର ରାଜଗଣ୍ଡ, ଅତିଥି ଭାବେ ସହକାର୍ଯ୍ୟବାହ ଭୀମସେନ ପ୍ରଧାନୀ ଯୋଗ ଦେଇଥିଲେ । ଶାଖାର ସ୍ୱୟଂ ସେବକ ତ୍ରିପତି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶାଖାର ସ୍ୱୟଂ ସେବକମାନେ ବିଭିନ୍ନ ପ୍ରକାର କଳାକୌଶଳ ପଡିଆରେ ପ୍ରଦର୍ଶନୀ କରିଥିଲେ। ଏହି ଅବସରରେ ସ୍ୱୟଂ ସେବକମାନେ କିପରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି ସୂଚନା ଦେଇଥିଲେ। ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଆରଏସଏସର ଆଭିମୁଖ୍ୟ ଏବଂ ଲକ୍ଷ୍ୟ ବିଷୟରେ ଉପସ୍ଥିତ ° ସ୍ୱୟଂ ସେବକମାନଙ୍କୁ ଅବଗତ କରାଇଥିଲେ। ଶେଷରେ ସଂଘ ପ୍ରାର୍ଥନା ଏବଂ ଧ୍ୱଜାବତରଣ କରାଯାଇଥିଲା ।


ସ୍ୱୟଂ ସେବକମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ

## ୨ ବରିଷ୍ଠ ସହାୟକ, ୧୦ ବିଏଲଓ, କୃତୀ ପ୍ରତିଯୋଗୀ ସମ୍ମାନିତ

**ନବରଙ୍ଗପୁର,୨୫ା୧(ବି.ପ୍ର.)**

ଜାତୀୟ ଭୋଟର ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରା ବାହାରି ମିଶନ ଶକ୍ତି ସମ୍ମିନୀ କକ୍ଷଠାରେ ପହଞ୍ଚିଥିଲା। ସେଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା, କୁଇଜ, ଝୋଟି, ଓଡିଆ ସ୍ଲୋଗାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ନିର୍ବାଚନ ବିଭାଗର ବରିଷ୍ଠ ସହାୟକ ଅଶୋକ ଚକ୍ରବର୍ତ୍ତୀ, ବରିଷ୍ଠ ସହାୟକ ଜିତେନ୍ଦ୍ର ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥଲା । ସେହିଭଳି ବିଏଲଓମାନେ ସନ୍ତୋଷ ଜନକ କାର୍ଯ୍ୟ ତୁଲାଇଥିବାରୁ ସେମାନଙ୍କୁ ପ୍ରଶାସନ ପକ୍ଷରୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତୋ, ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଜିଲା ସୂଚନା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ନିର୍ବାଚନ ବିଭାଗର କର୍ମଚାରୀ, ଛାତ୍ରୀଛାତ୍ର ଓ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଭୋଟର ତାଲିକା –୨୦୨୦ ସଂଶୋଧନ କାର୍ଯ୍ୟକ୍ରମ ୨୦୧୯ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ଫେବୃୟାରୀ ୭ରେ ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା।



ବରିଷ୍ଠ ସହାୟକ ଜିତେନ୍ଦ୍ର ଚୌଧୁରୀଙ୍କୁ ସମ୍ମାନିତ କରାଯାଉଛି ।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି,
ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ



### ପାଣିପଞ୍ଚାୟତ ପକ୍ଷ ପାଳିତ

ପଦ୍ମପୁର, ୨୫।୧ (ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ବଡ଼ନାଳ ଜଳସେଚନ ବିଭାଗ ପକ୍ଷରୁ ଶନିବାର କେନ୍ଦୁଗୁଡା ବଡ଼ନାଳ ପ୍ରୋଜେକ୍ଟ ମଙ୍ଗଳା ମନ୍ଦିର ପାର୍ଶ୍ୱରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଣିର ଠିକ୍ ବିନିଯୋଗ ଓ ଏହାର ସଂରକ୍ଷଣ କରି ଅଧିକ ଫସଲ ଅମଳ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ନିର୍ବାହୀ ଯନ୍ତ୍ରୀ (ବଡ଼ନାଳ ପ୍ରୋଜେକ୍ଟ) ନଗେନ୍ଦ୍ର ମହାରଣା ଓ ପ୍ରୋଜେକ୍ଟ ଯନ୍ତ୍ରୀ ବନବିହାରୀ ପଣ୍ଡା ସଭାପତିତ୍ୱ କରି ପାଣି ପଞ୍ଚାୟତର କାର୍ଯ୍ୟାବଳୀ, ଏହାର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପଦ୍ମପୁର ବ୍ଲକ କୃଷି ବିଭାଗ ଅଧିକାରୀ ଦିପକ ପୃଷ୍ଟି, କେନ୍ଦୁଗୁଡା ବଡ଼ନାଳ ପ୍ରକଳ୍ପ ଏସ୍‌ଡିଓ ସୁରେନ୍ଦ୍ରନାଥ ଶବର, ଏମ୍‌ପି ପ୍ରତିନିଧି ରାଜୀବ ଲୋଚନ ସାହୁ, ରାୟଗଡ଼ା ଜିଲା ବିଜେଡି ସାଧାରଣ ସମ୍ପାଦକ ଗୋଦାବରୀ ରାଉତ ପ୍ରମୁଖ ଯୋଗଦେଇ କମ୍ ପାଣିରେ ଅଧିକ ଫସଲ ଅମଳ କରିପାରିବା ଓ ଅଧିକ ଅଞ୍ଚଳ କିପରି ଜଳସେଚିତ ହୋଇପାରିବ ସେନେଇ ବୁଝାଇଥିଲେ। ଏହି ସମୟରେ ଚାଷୀଙ୍କ ତରଫରୁ ତ୍ରିପତି ପ୍ରସାଦ ନିଶଙ୍କ ଅସମ୍ପୂର୍ଣ୍ଣ ପାଣି ପଞ୍ଚାୟତକୁ ସଜାଡିଲେ ଚାଷୀ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏନେଇ ୨୦୦୪ରୁ ଦାବି ହୋଇ ଆସିଥିବା ବଡ଼ନାଳ ପ୍ରୋଜେକ୍ଟ ନଦୀରେ ସଂଯୋଗ, ଗୁଣପୁରର ସାନନଦୀକୁ ବଡ଼ନାଳନଦୀ ସହ ସଂଯୋଗ କଲେ ଗୁଣପୁର ଉପଖଣ୍ଡ ଅଞ୍ଚଳର ୧୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ସେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଚିରଞ୍ଜିବୀ ଖାଡ଼ଙ୍ଗା, ମାଳାଧର ପରିଡା, ତ୍ରିପତି ନିଶଙ୍କ, ରାମାନନ୍ଦ ରଘୁନନ୍ଦନ, ସମିତି ସଭ୍ୟ ବିଦ୍ୟାଧର ଫୋର୍ଡଙ୍କ ସହ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

### ସେସ୍‌ପୁଲ ମେଶିନ ଲୋକାର୍ପିତ

ଗୁଣପୁର,୨୫।୧(ଡି.ଏନ୍.ଏ.): ଗୁଣପୁର ପୌର ପରିଷଦରେ ଶୁକ୍ରବାର ସେସ୍‌ପୁଲ ମେଶିନ ଲୋକାର୍ପିତ ହୋଇଛି । ଏହାକୁ ବିଧାୟକ ରଘୁନାଥ ଗମାଙ୍ଗ ଲୋକାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ସିଡିପିଓ କିରନ ମୁର୍ମୁଙ୍କ ସମେତ ପୌର ପରିଷଦର ସମସ୍ତ କର୍ମଚାରୀ, ପୂର୍ବତନ କାଉନ୍‌ସିଲର ଏବଂ ବିଜେଡି ନେତାମାନେ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ଏଠାରେ ଥିବା ସେସପୁଲ ମେଶିନ ଅଚଳ ହୋଇ ପଡିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକମାନେ ବେସରକାରୀ ଭାବେ ସେସ୍‌ପୁଲ ମେଶିନ ନେଇ ଗୋଟିଏ ପାଇଖାନା ଟାଙ୍କି ସଫା କରିବାକୁ ୫୦୦୦ ଟଙ୍କା ଦେବାକୁ ପଡୁଛି। ସେହିପରି ଏହି ଅବସରରେ ସହରରେ ଥିବା ୯ଟି ଅଙ୍ଗନୱାଡି କେନ୍ଦ୍ରରେ ଦୁଇଟି ଗ୍ୟାସ ସିଲିଣ୍ଡର ସହ ଗୋଟିଏ ଚୁଲା, ଲାଇଟର ପ୍ରଦାନ କରାଯାଇଛି । ହରିଶ୍ଚନ୍ଦ୍ର ଯୋଜନାରେ ୧୨ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।

## ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡି ଗୃହ

# ଗ୍ରାମବାସୀଙ୍କ ବାରଣ୍ଡାରେ ଚାଲିଛି ପାଠପଢ଼ା

## ଦଳିତ ବର୍ଗର ପିଲାଙ୍କୁ ବାରଣ୍ଡାରେ ବସାଇ ଦେଉନାହାନ୍ତି ଲୋକେ

ରାୟଗଡ଼ା ଅଫିସ, ୨୫।୧



ଜଣେ ଗ୍ରାମବାସୀଙ୍କ ବାରଣ୍ଡାରେ ଅଙ୍ଗନୱାଡି ପିଲାମାନେ ବସିଛନ୍ତି।

ପିଲାମାନଙ୍କୁ ପ୍ରାକ୍ ସ୍କୁଲ ଶୈକ୍ଷିକ ବାତାବରଣ ଦେବାକୁ କେନ୍ଦ୍ର ସରକାର ଅଙ୍ଗନୱାଡି କେନ୍ଦ୍ରର ପରିକଳ୍ପନା କରିଥିଲେ। ଏଥିପାଇଁ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ସରକାରଙ୍କ ଏହି କଳ୍ପନା କେତେକାଂଶରେ ଫେଲ୍ ମାରୁଛି। ରାୟଗଡ଼ା ଜିଲା ସଦର ବ୍ଲକ ପିତାମହଲ ପଞ୍ଚାୟତ ଅଧୀନ ବେହେରାଗୁଡ଼ା ଗ୍ରାମରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ଦୁଃଖର ବିଷୟ ଯେ, ଦଳିତ ବର୍ଗର ପିଲାମାନଙ୍କୁ ଗାଁର କେତେଜଣ ଉଚ୍ଚ ଜାତିର ଲୋକେ ନିଜ ପିଣ୍ଡାରେ ବସିବାକୁ ସୁଯୋଗ ଦେଉ ନ ଥିବା ସୂଚନା ମିଳିଛି।

୨୦୦୬ରେ ଏହି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରାଯାଇଥିଲା। ୩ରୁ ୬ବର୍ଷ ମଧ୍ୟରେ ଏଠାରେ ୩୦ଜଣ ପିଲା ଅଛନ୍ତି। କେନ୍ଦ୍ରଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ପିଲାମାନଙ୍କୁ ନେଇ ଗାଁ ଲୋକଙ୍କ ବାରଣ୍ଡାରେ ବସି ପଢାଇବାକୁ ବାଧ ହେଉଛି ବୋଲି ଅଙ୍ଗନୱାଡି କର୍ମୀ ରୀତା କୁମାରୀ ସିଂ କହିଛନ୍ତି। ୪ବର୍ଷେ ହେବ ଏପରି ଭାବେ ପାଠପଢା ଚାଲିଛି। ଉଚ୍ଚ ଜାତିର ଲୋକମାନେ ଦଳିତ ବର୍ଗର ପିଲାମାନଙ୍କୁ ସେମାନଙ୍କ ବାରଣ୍ଡାରେ ବସିବାକୁ ଦେଉନାହାନ୍ତି। ତେଣୁ କେତେଜଣ ଦଳିତ ବର୍ଗର ଲୋକେ ସେମାନଙ୍କ ପିଲାଙ୍କୁ ଅଙ୍ଗନୱାଡି ପଠାଉନାହାନ୍ତି ବୋଲି ସେ କହିଛନ୍ତି। ଅଙ୍ଗନୱାଡି ସହାୟିକା ନିଜ ଘରେ ରୋଷେଇ କରି ଆଣି ପିଲାମାନଙ୍କୁ ଦେଇଥାନ୍ତି। କେନ୍ଦ୍ରର ଏଭଳି ଅବସ୍ଥା ସମ୍ପର୍କରେ ବିଭିନ୍ନ ସମୟରେ ଅଧିକାରୀମାନଙ୍କୁ ଜଣାଯାଇଛି, କିନ୍ତୁ କୌଣସି ସୁଫଳ ମିଳିନି। ଗାଁ ନିକଟରେ ଥିବା ସରକାରୀ ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ଚଳାଇବାକୁ ସୁପରଭାଇଜର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆମ ପିଲାଙ୍କ ପାଇଁ ସ୍ଥାନ ଅଭାବ ରହିଛି, ଅଲଗା ବ୍ୟବସ୍ଥା କର ବୋଲି ସ୍କୁଲ ପ୍ରଧାନଶିକ୍ଷକ କହିଥିବା ଅଙ୍ଗନୱାଡି କର୍ମୀ କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ହୋଇ ପାରୁନି ବୋଲି ଗ୍ରାମବାସୀ କହିଛନ୍ତି। ଏ ସବୁ ସମସ୍ୟା ନେଇ ଭାରପ୍ରାପ୍ତ ସିଡ଼ିପିଓ ମୀନାକ୍ଷୀ ଦାସ କହିଛନ୍ତି, ମୁଁ ନୂତନଭାବେ ଏହି ଦାୟିତ୍ୱ ନେଇଛି। ଅଙ୍ଗନୱାଡି କେନ୍ଦ୍ର ମରାମତି ପାଇଁ ଅର୍ଥ ମଞ୍ଜୁର ହୋଇଛି ବୋଲି ସୂଚନା ମିଳିଥିବା ସେ କହିଛନ୍ତି। ଭଙ୍ଗା ଘରେ ପାଠ ପଢ଼ାଯିବା ନିୟମ ନ ଥିବାରୁ ପିଲାମାନଙ୍କୁ ବାହାରେ ପଢାଯାଉଛି ବୋଲି ସେ କହିଛନ୍ତି। ଦଳିତ ବର୍ଗର ପିଲାମାନଙ୍କୁ ଉଚ୍ଚ ଜାତିର ଲୋକେ ଘର ବାରଣ୍ଡାରେ ବସାଉ ନ ଥିବା ଘଟଣା ସମ୍ପର୍କରେ ସରପଞ୍ଚ ସୁରମା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଏ ନେଇ ତାଙ୍କ ପାଖରେ କେହି ଅଭିଯୋଗ କରିନାହାନ୍ତି। ସବୁକିଛି ଠିକ୍‌ଠାକ ଚାଲିଛି। ଏପରି ଘଟଣା ତାଙ୍କ ନଜରକୁ ଆସିଲେ ସେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ।





ମନୋଜ ପ୍ରଧାନୀଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି ।

## ମିଷ୍ଟର ଓଡ଼ିଶା କ୍ଲାସିକ ହେଲେ ମନୋଜ

ରାୟଗଡ଼ା ଅଫିସ ,୨୫।୧

ନୂଆପଡ଼ାସ୍ଥିତ ଏକ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ାରୁ ମାତ୍ର ୭ କିମି ଦୂର ଦେବଦଳାର ମନୋଜ ପ୍ରଧାନୀ (୩୮) ମିଷ୍ଟର ଓଡ଼ିଶା କ୍ଲାସିକ ହୋଇଛନ୍ତି । ଏଥିରେ ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ସଫଳତା ପରେ ରାୟଗଡ଼ା ଏବଂ ନିଜ ଗ୍ରାମ ଦେବଦଳାରେ ଖୁସିର ଲହରି ଖେଳିଯାଇଛି । ସେ ପ୍ରଥମ ହୋଇଥିବାରୁ ତାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ୮ ବର୍ଷର ପରିଶ୍ରମ ପରେ ଏହି ସଫଳତା ପାଇଥିବା କହିଛନ୍ତି ମନୋଜ । ସଫଳତାର ଶ୍ରେୟ ସେ ତାଙ୍କ ଭାଇଙ୍କ ବନ୍ଧୁ ପ୍ରଭାତ ସ୍ୱାଇଁ ଏବଂ ରନ ସ୍ୱାଇଁଙ୍କୁ ଦେଇଥିଲେ। ସେ ରାୟଗଡ଼ା ଫେରିବା ପରେ ଶନିବାର ଏକ ବିରାଟ ଶୋଭାଯାତ୍ରାରେ ବାଜା ବଜାଇ ପରିକ୍ରମା କରାଯାଇଥିଲା ।



ରାୟଗଡ଼ା ଜିସିଡି ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଶନିବାର ଯାଞ୍ଚ କରାଯାଉଛି।

## ପଲାସା-ଗୁଣପୁର ଫାଷ୍ଟ ପାସେଞ୍ଜର ଟ୍ରେନ୍‌ର ସମୟ ପରିବର୍ତ୍ତନ ଦାବି

ଗୁଣପୁର,୨୫।୧(ଡି.ଏନ.ଏ)

ପଲାସା-ଗୁଣପୁର ଫାଷ୍ଟ ପାସେଞ୍ଜର ଟ୍ରେନର ସମୟ ପରିବର୍ତ୍ତନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ଏହି ଟ୍ରେନର ସମୟ ପରିବର୍ତ୍ତନ ହେଲେ ଦୂର ଦୂରାନ୍ତରରୁ ଆସୁଥିବା ଯାତ୍ରୀମାନେ ପଲାସାଠାରେ ଓହ୍ଲାଇ ପାରଳାଖେମୁଣ୍ଡି ଏବଂ ଗୁଣପୁର ଆସିବା ପାଇଁ ସୁବିଧା ପାଇ ପାରିଥାନ୍ତେ । ତେଣୁ ପଲାସା-ଗୁଣପୁର ଟ୍ରେନର ସମୟ ପରିବର୍ତ୍ତନ ପାଇଁ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି । ଏହି ଟ୍ରେନ ପଲାସାରୁ ଭୋର ୩ଟା ସମୟରେ ଗୁଣପୁର ଅଭିମୁଖେ ଛାଡୁଛି । ଏହି ଟ୍ରେନ ପଲାସା ଛାଡିବାର କିଛି ସମୟ ବ୍ୟବଧାନରେ ପଲାସାକୁ ଅନେକ ଦୂରଗାମୀ ଟ୍ରେନଗୁଡିକ ଆସି ପହଞ୍ଚୁଛି । ଯଦି ପଲାସା-ଗୁଣପୁର ଟ୍ରେନ ତାର ସମୟ ପରିବର୍ତ୍ତନ କରି ୩ଟା ବଦଳରେ ସାଢେ ୩ଟା କରାଯାଏ, ତେବେ ଗୁଣପୁର ଏବଂ ଗଜପତି ଜିଲାବାସୀ ବହୁ ଉପକୃତ ହେବେ । ହୀରାଖଣ୍ଡ ଏବଂ ଜୁନାଗଡ ଏକ୍ସପ୍ରେସ ଟ୍ରେନ ଓଲଗା ହୋଇ ଚଳାଚଳ କରିବା ପରେ ଭୁବନେଶ୍ୱର- ଜୁନାଗଡ ଏକ୍ସପ୍ରେସ ଟ୍ରେନ ରାତ୍ର ୧୦.୩୦ରୁ ଭୁବନେଶ୍ୱରରୁ ଛାଡୁଛି । ଏହି ଟ୍ରେନ ଭୋର ୩.୧୦ରେ ପାଲସା ଠାରେ ପହଞ୍ଚୁଛି । ଏହା ଆସିବାର ୧୦ ମିନିଟ ପୂର୍ବରୁ ପଲସା-ଗୁଣପୁର ଟ୍ରେନ ଷ୍ଟେଶନ ଛାଡି ଦେଉଛି । ତେଣୁ ପଲାସା -ଗୁଣପୁର ଟ୍ରେନକୁ ସାଢେ ୩.୩୦ରେ ଛଡାଗଲେ ବହୁ ଯାତ୍ରୀ ଭୁବନେଶ୍ୱର ଅଞ୍ଚଳରୁ ବାହାରି ଗଜପତି ଜିଲା ସହ ଗୁଣପୁର ଅଞ୍ଚଳକୁ ଆସିବାର ସୁବିଧା ପାଇ ପାରିବେ । ସେହିଭଳି ୩ଟା ପରେ ବିଶାଖାପାଟଣା-ଅମୃତସର, ବିଶାଖାପାଟଣା- ପାରାଦୀପ, ବିଶାଖାପାଟଣା - ବାରାଣସୀ, ମହୀଶୂର-ହାୱଡା, ହାଇଦ୍ରାବାଦ- ହାୱଡା ଇଷ୍ଟକୋଷ୍ଟ ଭଳି ଦୂରଗାମୀ ଟ୍ରେନ ମଧ୍ୟ ଏହି ସମୟ ମଧ୍ୟରେ ପଲାସାଠାରେ ପହଞ୍ଚୁଛି । ଏହି ଟ୍ରେନଗୁଡିକ ପଲାସା ଆସିବା ପୂର୍ବରୁ ପଲସା-ଗୁଣପୁର ଟ୍ରେନ ଛାଡି ଦେଉଛି। ତେଣୁ ପାଲାସ-ଗୁଣପୁର ଟ୍ରେନର ସମୟ ପରିବର୍ତ୍ତନ ପାଇଁ ଦାବି ହୋଇଛି ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ମୁନିଗୁଡା, ୨୫।୧

ରାୟଗଡା ଜିଲା ମୁନିଗୁଡା ଜଗନ୍ନାଥ ମନ୍ଦିର ପରିସରରେ ୩ଦିନ ଧରି ଚାଲିଥିବା ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗାୟତ୍ରୀ ପରିବାର ସଂଯୋଜନା ଓ ଅଖିଳ ବିଶ୍ୱଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଏହା ଚାଲିଥିଲା । ଏଥିରେ ଯଜ୍ଞ ସହ ସଂସ୍କାର କାର୍ଯ୍ୟକ୍ରମ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁନିଗୁଡା ଗାୟତ୍ରୀ ପରିବାରର ମୁଖ୍ୟ ବଙ୍କିମ ଚନ୍ଦ୍ର ସାହୁ ଓ ତାଙ୍କ ସହଧର୍ମିଣୀ ଭବାନୀ ସାହୁଙ୍କ ନେତୃତ୍ୱରେ ହଜାର ହଜାର ଗାୟତ୍ରୀ ଭକ୍ତ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଅବସରରେ ମନ୍ତ୍ରୀ ଜଗନ୍ନାଥ ସାରକା, ବ୍ଲକ ସଭାପତି ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ, ବୃନ୍ଦାବନ ପାଢୀ ପ୍ରମୁଖ ଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବନିତାରାଣୀ ପଟ୍ଟନାୟକ, ଅଜିତ ମହାରଣା, କରୁଣାକର ସାମଲ, ଲକ୍ଷ୍ମଣ ରତ୍ନାଲୁ, ଲକ୍ଷ୍ମୀ ସାହୁ, ଶକୁନ୍ତଳା ମହାରଣାଙ୍କ ସମେତ ହରିଦ୍ୱାରରୁ ଆସିଥିବା କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ ।

## ମୌଳିକ କର୍ତ୍ତବ୍ୟ ନେଇ ସଚେତନତା





ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି ।

ଗୁଣପୁର,୨୫।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମୌଳିକ କର୍ତ୍ତବ୍ୟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର କୋର୍ଟ ପରିସରରେ ଥିବା ଭିଡିଓ କନଫରେନ୍ସ ହଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବାସଂସ୍ଥା ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ସଙ୍ଗୀତା ମଲିକ,ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳ, ଏସଡିପିଓ ରାଜକିଶୋର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ କଣ ହେବା ଦରକାର ସେନେଇ ଅତିଥିମାନେ କହିଥିଲେ । ସମ୍ବିଧାନ ଏବଂ ଆଇନରେ ରହିଥିବା ବିଭିନ୍ନ ଧାରା ଏବଂ ଆଇନ ପାଳନ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଆଇନଜୀବୀ ରମେଶ ଲିମା, ଭାଗୀରଥି ବାଙ୍ଗାରି ପ୍ରମୁଖ ନାଗରିକଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ନେଇ ସଚେତନ କରିଥିଲେ। ପ୍ରତ୍ୟେକ ଲୋକ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ନେଇ ସଚେତନ ହେଲେ ଦେଶ ସୁରକ୍ଷା ହେବା ସହ ଆଗକୁ ବଢିବ ବୋଲି ମତବ୍ୟକ୍ତ କରିଥିଲେ ।

## ଅଭ୍ୟାସ ଟେକ୍ନୋ ସ୍କୁଲର ବାର୍ଷିକ କ୍ରୀଡ଼ା



ଛାତ୍ରୀଛାତ୍ରମାନେ ମଶାଲକୁ ଶୋଭାଯାତ୍ରାରେ ନେଉଛନ୍ତି।

ପଦ୍ମପୁର, ୨୫।୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଛାତ୍ରୀଛାତ୍ରଙ୍କ ଗୁମୁଡାସ୍ଥିତ ଠାକୁରାଣୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ଅଣାଯାଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ସ୍ଥାନୀୟ ଗୁଡିଆବନ୍ଧ ସରପଞ୍ଚ ବିଜୟ କୁମାର ଶବର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଏହାକୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥିଲେ । ପାଠପଢ଼ା ସହ ଛାତ୍ରୀଛାତ୍ର କ୍ରୀଡ଼ା ଦ୍ୱାରା କିଭଳି ଶାରିରୀକ ଓ ମାନସିକ ବିକାଶ ଘଟିଥାଏ, ସେନେଇ ବୁଝାଇଥିଲେ। ପରେ ବିଭିନ୍ନ ଖେଳ ଯଥା ଶହେ ମିଟର ଦୌଡ଼, ସଟ୍‌ପୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ସନ୍ଧ୍ୟାରେ ଜାତୀୟ ସଙ୍ଗୀତ ଗାନ କରାଯାଇ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଉପାଧ୍ୟକ୍ଷ ରାମା ରାଓ ଧନ୍ୟବାଦ ଦେଇଥିଲେ ।

## ଭୋଟର ଦିବସ ନେଇ ଆଲୋଚନା

ଗୁଣପୁର,୨୫।୧(ଡି.ଏନ.ଏ)

ଗୁଣପୁରଠାରେ ଉପଖଣ୍ଡସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ ହୋଇଛି । ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିବା ପରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଯୋଗଦେଇ ଭୋଟର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିବାସହ ଏଦିଗରେ ସଚେତେନ ହେବାକୁ ପରାମର୍ଶ ଦେଇଥିଲେ। ତହସିଲଦାର ନମ୍ରତା ମୋଦି, ବିଡିଓ ଶାନ୍ତିପ୍ରଭା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହକାରୀ ଜିଲାପାଳ ରିନା ପ୍ରଧାନ ଧନ୍ୟବାଦ ଦେଇଥିଲେ । ଭୋଟରଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।





ଉପଜିଲାପାଳ ଜଣେ ଯୁବକଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରୁଛନ୍ତି ।





ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ବ୍ଲକସ୍ତରୀୟ ମତଦାତା ଦିବସ ପାଳିତ

ରାୟଗଡ଼ା ଅଫିସ, ୨୫।୧

ରାୟଗଡ଼ା ବ୍ଲକ ତରଫରୁ ଜାତୀୟ ମତଦାତା ଦିବସ ଜେକେ କାଗଜକଳସ୍ଥିତ ମନୋରଞ୍ଜନ କେନ୍ଦ୍ରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏନେଇ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ପକ୍ଷରୁ ଜେକେପୁର ଭେଙ୍କଟେଶ୍ୱର ମନ୍ଦିର ଛକଠାରୁ ମନୋରଞ୍ଜନ କେନ୍ଦ୍ର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ପ୍ଲାକାର୍ଡ଼, ବ୍ୟାନର ଓ ପ୍ରଚାରପତ୍ର ମାଧ୍ୟମରେ ଭୋଟର ସଚେତନତା କରାଯାଇଥିଲା। ଭୋଟରଙ୍କ ଘର ଘର ବୁଲି କଲେଜ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ବ୍ଲକ ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ , ଉପାଧ୍ୟକ୍ଷ ମିନତୀ ବାଚେଲି , ଜିଲା ପରିଷଦ ସଭ୍ୟ ପି. ଗୌରୀ , ବିଡ଼ିଓ ରାଜେନ୍ଦ୍ର ମାଝି , ଅତିରିକ୍ତ ବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ, ଜେକେ କାଗଜ କଳର ପିଆରଓ ହରିହର ଖମାରୀ ଅତିଥି ରୂପେ ମଞ୍ଚାସୀନ ଥିଲେ। ଶିକ୍ଷକ ନିଳାଞ୍ଚଳ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ମହା ବିଦ୍ୟାଳୟସ୍ତରରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଏଲପିଏସ ପବ୍ଲିକ ସ୍କୁଲର ଲୋରିନା ପଟ୍ଟନାୟକ ପ୍ରଥମ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ନୂତନ ଓ ଯୁବ ଭୋଟରଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସମସ୍ତ ଭୋଟର ଜାତୀୟ ମତଦାତା ଦିବସ ଅବସରରେ ଶପଥ ପାଠ କରିଥିଲେ ।

## ସୁସ୍ଥ ଗଣତନ୍ତ୍ରରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାୟଗଡ଼ା ଅଫିସ,୨୫।୧





ଜିଲାପାଳ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଜାତୀୟ ଭୋଟର ଦିବସ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଶୋକ ମଣ୍ଡପରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏକ ରାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନଗର ପରିକ୍ରମା କରି ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ଏହି ର୍‍ୟାଲିକୁ ଜିଲାପାଳ ପ୍ରମୋଦ କୁମାର ବେହେରା ଉଦ୍‌ଘାଟନ କରି ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ଭୋଟରଙ୍କ ସାକ୍ଷରତା ଜରୁରୀ ବୋଲି କହିଥିଲେ। ଜିଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୁସ୍ଥ ଗଣତନ୍ତ୍ରରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ୍ ଅଧ୍ୟାପକ ଉଦୟ ନାୟକ ପରିଚାଳନା କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ଏକ ଜନ ସଚେତନତା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ, ଉପଜିଲାପାଳ, ପ୍ରତାପଚନ୍ଦ୍ର ପ୍ରଧାନ, ରାୟଗଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚିନନ୍ଦ ଶତପଥୀ , ସହକାରୀ ଜିଲାପାଳ ନାରାୟଣ ମିଶ୍ର ଯୋଗ ଦେଇଥିଲେ ।

